# ସତ୍ୟ ନ୍ୟୁଜ୍
ଓଡ଼ିଆ ଦୈନିକ
RNI No.-ODIODI/2024/17847

www.satyanews24.in
RNI No.ODIODI/2024/17847
୦୧ ବର୍ଷ Volume-01
ISSUE - 34 ସଂଖ୍ୟା-୩୪
ଭୁବନେଶ୍ୱର, ଗୁରୁବାର ୨୦, ଫେବୃଆରୀ ୨୦୨୫
Bhubaneswar, Thursday, 20, February 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୭.୦୦ ଟଙ୍କା Price : Rs.7.00
E-Mail : satyanews24.bbsr@gmail.com

Like, Follow & Subscribe
Satya News24


# ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା

- ★ ଉପ ମୁଖ୍ୟମନ୍ତ୍ରୀ ହେବେ ପରବେଶ ବର୍ମା
- ★ ଆଜି ହେବ ଶପଥ ଗ୍ରହଣ
- ★ ଚତୁର୍ଥ ମହିଳା ଭାବରେ ଦିଲ୍ଲୀର ଶାସନ ଗାଦିରେ ବସିବେ ରେଖା
- ★ ଶପଥ ଉତ୍ସବରେ ଯୋଗ ଦେବେ ପିଏମ ଙ୍କ ସହ ୨୦ ରାଜ୍ୟର ମୁଖ୍ୟମନ୍ତ୍ରୀ

**ଦିଲ୍ଲୀ :** ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହେବେ ରେଖା ଗୁପ୍ତା। ବୁଧବାର ବିଜେପି ବିଧାୟକ ଦଳର ବୈଠକ ପରେ ରେଖାଙ୍କ ନାମରେ ମୋହର ଲାଗିଛି। ସେ ଦିଲ୍ଲୀର ନବମ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ। ଏହା ସହିତ ସେ ଚତୁର୍ଥ ମହିଳା ଭାବରେ ଦିଲ୍ଲୀର ଶାସନ ଗାଦିରେ ବସିବାକୁ ଯାଉଛନ୍ତି। ନୂଆଦିଲ୍ଲୀର ଶାଲିମାର ବାଘ ଅଞ୍ଚଳରୁ ଆସୁଥିବା ରେଖା ୩ ଥରର ବିଧାୟିକା ବନ୍ଦନା କୁମାରୀଙ୍କୁ ୨୯,୫୯୫ ଭୋଟରେ ପରାସ୍ତ କରିଥିଲେ। ୧୯୭୪ ମସିହାରେ ହରିଆଣାର ଜୁଲାନାରେ ରେଖାଙ୍କ ଜନ୍ମ। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ୫୧ ବର୍ଷୀୟା ରେଖା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘର ସଭାପତି ନିର୍ବାଚିତ ହୋଇଥିଲେ। ୧୯୯୬-୯୭ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସଭାପତି ହୋଇଥିବା ବେଳେ ଦିଲ୍ଲୀ କାଉନସିଲର ନିର୍ବାଚନରେ ୨୦୦୭ରେ ଭାଗ ନେଇଥିଲେ। ୨୦୦୭ ଓ ୨୦୧୨ରେ ଦୁଇ ଦୁଇ ଥର ସେ ଦିଲ୍ଲୀର କାଉନସିଲର ମଧ୍ୟ ରହିଥିଲେ। ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ଦିଲ୍ଲୀରେ କ୍ଷମତା ହାସଲ କରିବାରେ ସକ୍ଷମ ହୋଇଥିଲା ବିଜେପି। କ୍ରମାଗତ ତୃତୀୟ ଥର କ୍ଷମତା ହାତେଇବା ଲକ୍ଷ୍ୟରେ ଥିବା ଆପକୁ ମାତ ଦେଇଥିଲା । ବିଜେପି ୪୮ ଓ ଆପ ୨୨ଟି ଆସନ ହାତେଇଥିବା ବେଳେ କଂଗ୍ରେସ ଖାତା ଖୋଲି ପାରି ନ ଥିଲା। ବୁଧବାର ବିଧାୟକ ଦଳ ବୈଠକରେ ଦଳର ବରିଷ୍ଠ ନେତା ରବି ଶଙ୍କର ପ୍ରସାଦ ଏବଂ ଓମ ପ୍ରକାଶ ଧନଖଡ଼ ପ୍ରତ୍ୟେକ ବିଧାୟକଙ୍କ ସହ ଆଲୋଚନା କରି ମତାମତ ନେବା ପରେ ରେଖା ଗୁପ୍ତାଙ୍କ ନାଁ ଘୋଷଣା କରାଯାଇଥିଲା। ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅନେକ ନେତା ଦୌଡ଼ରେ ଥିଲେ। ତେବେ ରେଖା ଗୁପ୍ତା ସମସ୍ତଙ୍କୁ ପଛରେ ପକାଇ ରାଜଧାନୀର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତାଙ୍କ ନାଁ ଘୋଷଣା ହେବା ସହିତ, ଦଳୀୟ କାର୍ଯ୍ୟାଳୟରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ଗୁରୁବାର ସକାଳ ୧୧ଟା ପରେ ଭବ୍ୟ ଶପଥ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହେବ, ଯେଉଁଥିରେ ୨୦ ରୁ ୩୦ ହଜାର ଲୋକଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି ସମାରୋହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ନିବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଆତିଶୀ ଏବଂ ଦିଲ୍ଲୀ କଂଗ୍ରେସର ପ୍ରଦେଶ ଅଧ୍ୟକ୍ଷ ଦେବିନ୍ଦର ଯାଦବଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି। ଏହା ବ୍ୟତିତ ବିଜେପିର ପ୍ରମୁଖ ନେତା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଏହି ଶପଥଗ୍ରହଣ ସମାରୋହରେ ସାମିଲ ହେବେ। ଏଥିସହିତ ଦଳ ପରବେଶ ବର୍ମାଙ୍କୁ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତ କରିଛି। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ହରାଇବା ପରେ ଆଲୋଚନା ହେଉଥିଲା ଯେ, ତାଙ୍କୁ ଦଳ ମୁଖ୍ୟମନ୍ତ୍ରୀ କରିପାରେ।





ଓଡ଼ିଶାକୁ ମିଳିଲା ବିପର୍ଯ୍ୟୟ ମୁକାବିଲା ପାଣ୍ଠି

# ୨୫୫.୨୪ କୋଟିର ଅତିରିକ୍ତ କେନ୍ଦ୍ରୀୟ ସହାୟତା



**ଭୁବନେଶ୍ୱର :** କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି (ଏଚଏଲସି) ୨୦୨୪ ବର୍ଷରେ ବନ୍ୟା, ଆକସ୍ମିକ ବନ୍ୟା, ଭୂସ୍ଖଳନ ଏବଂ ସାମୁଦ୍ରିକ ଝଡ଼ ଦ୍ୱାରା ପ୍ରଭାବିତ ପାଞ୍ଚଟି ରାଜ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ) ଅଧୀନରେ ୧୫୫୪.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଏହି ପାଞ୍ଚଟି ରାଜ୍ୟର ଲୋକଙ୍କୁ ସାହାଯ୍ୟ କରିବାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଉଚ୍ଚସ୍ତରୀୟ କମିଟି ଏନଡିଆରଏଫ ଅଧୀନରେ ପାଞ୍ଚଟି ରାଜ୍ୟକୁ ୧୫୫୪.୯୯ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି, ଯାହା କି ଚଳିତ ବର୍ଷ ପାଇଁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଆରଏଫ)ରେ ଉପଲବ୍ଧ ପ୍ରାରମ୍ଭିକ ରାଶିର ୫୦% ଆଡଜଷ୍ଟମେଣ୍ଟ ଅଧୀନରେ ରହିବ। ମୋଟ ୧୫୫୪.୯୯ କୋଟି ଟଙ୍କା ମଧ୍ୟରୁ ଆନ୍ଧ୍ରପ୍ରଦେଶ ପାଇଁ ୬୦୮.୦୮ କୋଟି ଟଙ୍କା, ନାଗାଲାଣ୍ଡ ପାଇଁ ୧୭୦.୯୯ କୋଟି ଟଙ୍କା, ଓଡ଼ିଶା ପାଇଁ ୨୫୫.୨୪ କୋଟି ଟଙ୍କା, ତେଲଙ୍ଗାନା ପାଇଁ ୨୩୧.୭୫ କୋଟି ଟଙ୍କା ଏବଂ ତ୍ରିପୁରା ପାଇଁ ୨୮୮.୯୩ କୋଟି ଟଙ୍କା ରହିଛି। କେନ୍ଦ୍ର ସରକାର ଆନୁଷ୍ଠାନିକ ସ୍ମାରକପତ୍ର ପାଇବାକୁ ଅପେକ୍ଷା ନକରି ବିପର୍ଯ୍ୟୟ ପରେ ତୁରନ୍ତ ଏହି ରାଜ୍ୟଗୁଡ଼ିକୁ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ (ଆଇଏମସିଟି) ପଠାଇଥିଲେ। ଏହି ଅତିରିକ୍ତ ସହାୟତା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଆରଏଫ)ରୁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିବା ପାଣ୍ଠିଠାରୁ ଅଧିକ, ଯାହା ପୂର୍ବରୁ ରାଜ୍ୟମାନଙ୍କ ପାଇଁ ଉପଲବ୍ଧ ଅଛି । ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏସଡିଆରଏଫରୁ ୨୭ଟି ରାଜ୍ୟକୁ ୧୮,୩୨୨.୮୦ କୋଟି ଟଙ୍କା ଏବଂ ଏନଡିଆରଏଫରୁ ୧୮ଟି ରାଜ୍ୟକୁ ୪,୮୦୮.୩୦ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମଏଫ)ରୁ ୧୪ଟି ରାଜ୍ୟକୁ ୨,୨୦୮.୫୫ କୋଟି ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଏମଏଫ)ରୁ ୮ଟି ରାଜ୍ୟକୁ ୭୧୯.୭୨ କୋଟି ଟଙ୍କା ପ୍ରଦାନ କରିଛନ୍ତି।

# ଏମ୍ସରେ ନିଯୁକ୍ତି ଘୋଟାଲା, ସିବିଆଇ ଟିମ୍‌ର ଚଢ଼ଉ




**ଭୁବନେଶ୍ୱର :** ମ୍ସରେ ନିଯୁକ୍ତିରେ ଘୋଟାଲା। ଘୋଟାଲା ଅଭିଯୋଗ ପାଇବା ପରେ ସିବିଆଇର ଚଢାଉ। ବିନା କାଗଜପତ୍ର ଯାଞ୍ଚରେ ପାଞ୍ଚ ଜଣଙ୍କୁ ନିଯୁକ୍ତି ମିଳିଥିବା ଅଭିଯୋଗ ହୋଇଛି। ଏମ୍ସର ଏକାଡେମିକ ବିଲଡିଙ୍ଗର ତୃତୀୟ ମହଲାରେ ଥିବା ନିଯୁକ୍ତି ବିଭାଗରେ ଖୋଳତାଡ କରିଛି ସିବିଆଇ। ଫେକ ସାର୍ଟିଫିକେଟ ଦେଇ ପାଞ୍ଚଜଣ ଏମ୍ସରେ ଚାକିରି ପାଇଥିବା ଅଭିଯୋଗ ହୋଇଥିଲା। ଫେକ ସାର୍ଟିଫିକେଟ ଦେଇ ଚାକିରି ହାତେଇଥିବା ନେଇ ସିବିଆଇରେ ଅଭିଯୋଗ ହୋଇଥିଲା। ଗତ କିଛିଦିନ ତଳେ ସାନିଟାରୀ ଇନ୍ସପେକ୍ଟର ପୋଷ୍ଟରେ ନିଯୁକ୍ତି ପାଇଥିଲେ ରାଜଶ୍ରୀ ପଣ୍ଡା ଓ ସଂଗ୍ରାମ ମିଶ୍ର। ସେହିଭଳି ଏମଆରଟି ଟେକନିସିଆନ ଭାବେ ନିଯୁକ୍ତି ପାଇଥିଲେ ସମ୍ବିତ ମିଶ୍ର ଓ ସାଇ ସାଗର କର। ସେହିଭଳି ଏଡିସିଏଲର ସ୍ମୃତି ସାଗର କରଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିଲା। ଭାରତ ସରକାରଙ୍କର ଏକ ନିଯୁକ୍ତି ସଂସ୍ଥା ଏହି ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରିଥିଲା। ଏଥିପାଇଁ ଓକାକରେ କମ୍ପ୍ୟୁଟର ଟେଷ୍ଟ ପରୀକ୍ଷା ମଧ୍ୟ କରାଯାଇଥିଲା। ହେଲେ ସିବିଆଇ ପାଖରେ ଅଭିଯୋଗ ଥିଲା ଫେକ ସାର୍ଟିଫିକେଟ ଦେଇ ଏମାନେ ନିଯୁକ୍ତି ପାଇଥିଲେ। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କାର କାରବାର ହୋଇଥିବା ଅଭିଯୋଗ ହୋଇଥିଲା । ତେବେ ସିବିଆଇ ଏମ୍ସର ନିଯୁକ୍ତି ବିଭାଗରେ ଦୀର୍ଘ ସମୟ ଧରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲା। ଏମ୍ସର ନିଯୁକ୍ତି ବିଭାଗର କିଛି କମ୍ପ୍ୟୁଟର ଲାପଟପ ଓ ବିଭିନ୍ନ ନିଯୁକ୍ତି ସମ୍ବନ୍ଧୀୟ କାଗଜପତ୍ର ନିଜ ଅକ୍ତିଆରକୁ ନେଇଛି। ତେବେ ଏହି ନିଯୁକ୍ତିରେ ପ୍ରକୃତରେ କିଏ କିଏ ଫେକ କାଗଜପତ୍ର ଦେଇ ଚାକିରି କରିଛନ୍ତି ତାର ପୁରା ଇତିହାସ ଖୋଜୁଛି ସିବିଆଇ। କାରଣ ଏହି ନିଯୁକ୍ତିରେ ୭୭୪ ଜଣ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିଲେ।

କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ଆତ୍ମହତ୍ୟା ଘଟଣା

# ନେପାଳୀ ପ୍ରତିନିଧିଙ୍କ ସହ କଲେ ଆଲୋଚନା

**ଭୁବନେଶ୍ୱର :** କିଟ ବିଶ୍ୱବିଦ୍ୟାଳୟରେ ଜଣେ ବିଟେକ ତୃତୀୟ ବର୍ଷ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ବୁଧବାର ତଥ୍ୟ ଅନୁସନ୍ଧାନକାରୀ କମିଟିର ସଦସ୍ୟମାନେ ବିଶ୍ୱବିଦ୍ୟାଳୟରେ ପହଂଚି ତଥ୍ୟ ସଂଗ୍ରହ କରିଛନ୍ତି। ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଓ ତଦ ପରବର୍ତ୍ତୀ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ପାଇଁ ଗତକାଲି ରାଜ୍ୟ ସରକାର ଏକ ତଥ୍ୟ ସନ୍ଧାନକାରୀ କମିଟି ଗଠନ କରିଥିଲେ। ରାଜ୍ୟ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଉଚ୍ଚ ଶିକ୍ଷା ସଚିବ ଓ ପୁଲିସ କମିଶନର ପ୍ରମୁଖ କିଟ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଶ୍ରୀ ସାହୁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଆଜି ପ୍ରଥମେ କମିଟି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ଓ ଆଗାମୀ ଦିନରେ କେଉଁ କାର୍ଯ୍ୟପନ୍ଥା ଗ୍ରହଣ କରିବେ ସେ ସମ୍ପର୍କରେ ସ୍ଥିର କରାଯିବ। କମିଟି ଆଜି ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଥିବା ହଷ୍ଟେଲକୁ ଯାଇଥିଲେ ଓ ପରେ ଅନ୍ୟାନ୍ୟ ସ୍ଥାନ ପରିଦର୍ଶନ କରିଥିଲେ। କମିଟି ମଧ୍ୟ ନେପାଳ ପ୍ରତିନିଧିଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଶ୍ରୀ ସାହୁ କହିଛନ୍ତି ଯେ କମିଟି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ସରକାର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି।



## ଛାତ୍ରଛାତ୍ରୀଙ୍କୁ ଫେରିଆସିବାକୁ ଅନୁରୋଧ କଲେ ମୁଖ୍ୟମନ୍ତ୍ରୀ

କିଟ୍ ବିଶ୍ୱବିଦ୍ୟାଳୟରେ ଗତ ରବିବାର ଦିନ ଇଞ୍ଜିନିୟରିଂ ଛାତ୍ରୀ ପ୍ରକୃତି ଲାମ୍‌ସା (୧୯)ଙ୍କ ମୃତ୍ୟୁ ମାମଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ନେପାଳ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ଶ୍ରୀ ମାଝୀ ଆଜି ଦିଲ୍ଲୀରେ ନେପାଳ ବୈଦେଶିକ ବ୍ୟାପାର ବିଭାଗର କାଉନ୍‌ସିଲର ସଂଜୀବ ଦାସ ଶର୍ମାଙ୍କ ସହିତ କଥା ହେବା ସହିତ ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ସ୍ଥିତି ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥି ସହିତ ଶ୍ରୀ ମାଝୀ ନେପାଳୀ ଛାତ୍ରଛାତ୍ରୀମାନଙ୍କୁ କିଟ୍ ଫେରି ଆସିବା ପାଇଁ ଅପିଲ କରିଛନ୍ତି। ଏନେଇ ରାଜ୍ୟ ଅତିଥି ଭବନରେ ନେପାଳର ଅଧିକାରୀଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଆରଜୁ ରାଣା ଦେଉବା ମଧ୍ୟ ଶ୍ରୀ ସୂରଜଙ୍କ ସହିତ ମୋବାଇଲ୍ ଫୋନ୍‌ରେ କଥା ହୋଇଥିଲେ।

ମିଶନ ଶକ୍ତିକୁ ବନ୍ଦ କରିବାକୁ ଶାସକ ଦଳର ଯୋଜନା ଅଭିଯୋଗ

# ବିଧାନସଭାରେ ବିରୋଧୀଙ୍କ ହଙ୍ଗାମା

■ ଗତ ୫ ବର୍ଷରେ ୩୬ ଜଣ ବ୍ୟବସାୟୀ ଓଜନ ମାପ ଠକେଇରେ ଧରା ପଡିଛନ୍ତି




**ଭୁବନେଶ୍ୱର :** ବିଧାନସଭାରେ ବୁଧବାର ବିରୋଧୀ ଦଳ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହକାର୍ଯ୍ୟକୁ ବାଚସ୍ପତି ସୁରମା ପାଢ଼ୀ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଥିଲେ। ବିରୋଧୀ ଦଳ କଂଗ୍ରେସ ଏବଂ ବିଜେଡ଼ି ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ନିକଟକୁ ଆସି ହଟ୍ଟଗୋଳ କରିଥିଲେ। ମିଶନ ଶକ୍ତିକୁ ବନ୍ଦ କରିବା ପାଇଁ ଶାସକ ଦଳ ବିଜେପି ଯୋଜନା କରୁଥିବା ବିଜେଡ଼ି ସଦସ୍ୟମାନେ ଅଭିଯୋଗ କରିବା ସହିତ ଗୃହ ମୁଲତବି ପରେ ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତି ତଳେ ଧାରଣା ଦେଇଛନ୍ତି। ମିଶନ ଶକ୍ତି ମହିଳାଙ୍କ ଦାବି ପୂରଣ କରିବା ପାଇଁ ବିଜେପି ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ବିଜେଡ଼ି ପକ୍ଷରୁ କୁହାଯାଇଛି। ସେହିପରି କଂଗ୍ରେସ ପକ୍ଷରୁ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ନିକଟରେ ଅନ୍ୟ ସଦସ୍ୟଙ୍କ ସହିତ ମିଶି ରାଜ୍ୟର ମହିଳାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ସ୍ଲୋଗାନ ଦେଇଥିଲେ। ମିଶନ ଶକ୍ତିକୁ ଗୈରିକରଣ କରିବା ବନ୍ଦ କର, ମହିଳାଙ୍କୁ ନ୍ୟାୟ ଦେବା ଦାବି ନେଇ, ବିଜେଡ଼ି ଏବଂ କଂଗ୍ରେସ ସଦସ୍ୟମାନେ ପୋଡିୟମ ନିକଟରେ ନାରାବାଜି କରିଥିବାର ଦେଖିବାକୁ ମିଳିଥିଲା. ଅନ୍ୟପଟରେ ଗତ ୫ ବର୍ଷରେ ୩୬ ଜଣ ବ୍ୟବସାୟୀ ଓଜନ ମାପ ଠକେଇରେ ଧରା ପଡିଛନ୍ତି, ଆଉ ସେମାନଙ୍କଠାରୁ ୪ ଲକ୍ଷ ୯୭ ହଜାର ୫୦୦ ଟଙ୍କାର ଜରିମାନା ଆଦାୟ ହୋଇଛି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ପ୍ରଦାନ କରିଛନ୍ତି। ୮ ଜଣ ବଡ଼ ବ୍ୟବସାୟୀ ନକଲି ହଲମାର୍କରେ ସୁନା ବିକ୍ରି କରୁଥିବା ଅଭିଯୋଗରେ ଧରାପଡିଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଛି। ଜଣଙ୍କ ବିରୁଦ୍ଧରେ ଠକେଇ ମାମଲା ରୁଜୁ କରାଯାଇଛି । ବିଧାନସଭାରେ ଏନେଇ ବିଜେଡ଼ି ବିଧାୟକ ପ୍ରଶାନ୍ତ ବେହେରା ପ୍ରଶ୍ନ କରିଥିଲେ। ଗତ ୫ବର୍ଷରେ କେଉଁ ସୁନା ଗହଣା ଦୋକାନରେ ମାନକ ଓ ମାପକରେ ତ୍ରୁଟି ଧରାଯାଇଛି ଏବଂ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ, ସେ ସମ୍ପର୍କରେ ବିଧାୟକ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତର ମନ୍ତ୍ରୀ ରଖିଥିଲେ । ମନ୍ତ୍ରୀଙ୍କ ସୂଚନା ମୁତାବକ, କିଛି ଦୋକାନୀ ଓଜନ ମାପରେ ଠକେଇ କରୁଛନ୍ତି। ଆଉ ସରକାର ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

## ୩ ଲକ୍ଷରୁ ଅଧିକ ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଚାଉଳ ନିଆଯାଉଥିଲା

ରାଜ୍ୟରେ ୩ ଲକ୍ଷରୁ ଅଧିକ ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଚାଉଳ ନିଆଯାଉଥିଲା। ବିଧାନସଭାରେ ଏନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ରଖିଛନ୍ତି । ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଏଭଳି ଉତ୍ତର ଦେଇଛନ୍ତି। ରାଜ୍ୟରେ ୩ ଲକ୍ଷ ୨୮ ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଚାଉଳ ନିଆଯାଉଥିଲା ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।କେନ୍ଦୁଝରରେ ସର୍ବାଧିକ ୩୫ ହଜାର ୫୫୦ଜଣ ମୃତ ବ୍ୟକ୍ତି ରାସନ କାର୍ଡ ହାତେଇଥିଲେ । ସେହିପରି ଗଞ୍ଜାମରେ ୨୫ ହଜାର ୭୮୯, ମୟୂରଭଞ୍ଜରେ ୨୩ହଜାର ୭୯୯, ରାୟଗଡାରେ ୨୨ ହଜାର ୪୧୧ଜଣ ମୃତ ବ୍ୟକ୍ତି ରାସନ ଚାଉଳ ଉଠାଉଥିବା ମନ୍ତ୍ରୀ କହିଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରା ବିଧାନସଭାରେ ଆଜି ପର୍ଯ୍ୟନ୍ତ କେତେ ଜଣ ହିତାଧିକାରୀ ଇ-କେୱାଇସି କରିଛନ୍ତି, ତାର ରିପୋର୍ଟ ମାଗିଥିଲେ । ଯାହାର ଉତ୍ତର ଦେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨ କୋଟି ୯୯ ଲକ୍ଷ ୫୦ ହଜାର ୮୨୦ ଜଣ ହିତାଧିକାରୀ ଇ-କେୱାଇସି କରିଛନ୍ତି । ସେମାନଙ୍କ ମଧ୍ୟରୁ ୨ କୋଟି ୯୮ ଲକ୍ଷ ୧୪ ହଜାର ୯୨୧ ହିତାଧିକାରୀ ଓଡ଼ିଶା ଭିତରେ ଥାଇ ଏବଂ ୧ ଲକ୍ଷ ୩୫ ହଜାର ୮୯୯ ପିଡିଏସ୍ ହିତାଧିକାରୀ ଓଡ଼ିଶା ବାହାରେ ଥାଇ ନିଜ ଇ-କେୱାଇସି କରାଇଛନ୍ତି । ତେବେ ଯାଞ୍ଚ ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୨୮ ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାମ ରାସନ କାର୍ଡ ତଥ୍ୟାବଳୀରେ ରହିଥିବା ଚିହ୍ନଟ କରାଯାଇଛି। ଜଣାପଡ଼ିବା ପରେ ସେମାନଙ୍କୁ ରାସନ କାର୍ଡ ତଥ୍ୟାବଳୀରୁ ବାଦ୍ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ମୃତକଙ୍କ ନାମରେ ରାସନ ଚାଉଳ ନିଆଯାଉଥିଲା। ସେମାନଙ୍କ ଅନ୍ୟପଟେ ରାଜ୍ୟରେ ଇ-କେୱାଇସି ଯାଞ୍ଚ ସମୟରେ, ୧୬ ହଜାର ୧୮୪ ଜଣ ଅଯୋଗ୍ୟ ପରିବାର ରାସନ କାର୍ଡ ନେଇଥିବା ଜଣାପଡ଼ିଛି ବୋଲି ଯୋଗାଣ ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ବର୍ଷକୁ ଦୁଇଥର ହେବ ସିବିଏସଇ ବୋର୍ଡ ପରୀକ୍ଷା !

**ନୂଆଦିଲ୍ଲୀ :** ସିବିଏସଇ ବୋର୍ଡରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଭଲ ଖବର । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ୨୦୨୬-୨୭ ଶିକ୍ଷାବର୍ଷରୁ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ପରିଚାଳନା କରିବ । ଉଇଝର ଏକ ବିଶ୍ୱସ୍ତରୀୟ ପାଠ୍ୟକ୍ରମ ମଧ୍ୟ ଆରମ୍ଭ କରିବ। ଏହାର ଡ୍ରାଫ୍ଟ ଖୁବ୍ ଶୀଘ୍ର ପ୍ରକାଶିତ ହେବ, ଯାହା ଉପରେ ଲୋକଙ୍କଠାରୁ ପରାମର୍ଶ ଲୋଡାଯିବ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ୨୦୨୬-୨୭ ଶିକ୍ଷାବର୍ଷରୁ ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ୱସ୍ତରୀୟ ପାଠ୍ୟକ୍ରମ ପ୍ରଚଳନ କରିବ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଉଇଝର ଗ୍ଲୋବାଲ୍ ସ୍କୁଲର ଅଧିକାରୀ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ନୂତନ ପାଠ୍ୟକ୍ରମ ବିକଶିତ ଏବଂ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଯୋଜନା ଏବଂ ପଦକ୍ଷେପ ବିଷୟରେ ପ୍ରଧାନ ଆଲୋଚନା କରିଥିଲେ। ପୂର୍ବରୁ ଫେବୃଆରୀ ୧୮ ତାରିଖରେ ଶିକ୍ଷା ମନ୍ତ୍ରୀ ଘୋଷଣା କରିଥିଲେ ଯେ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ଆୟୋଜନ ପାଇଁ ଡ୍ରାଫ୍ଟ ଯୋଜନା ଖୁବ୍ ଶୀଘ୍ର ଜନସାଧାରଣଙ୍କ ସହ ସେୟାର କରାଯିବ। ସେ ଛାତ୍ରଛାତ୍ରୀମାନଙ୍କ ପାଇଁ ଚାପମୁକ୍ତ ଶିକ୍ଷା ପରିବେଶ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ପରୀକ୍ଷା ସଂସ୍କାର ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ବର୍ଷକୁ ଦୁଇଥର ଉଇଝର ପରୀକ୍ଷା ଆୟୋଜନ କରିବା ବିଷୟରେ ମୁଁ ସ୍କୁଲ ଶିକ୍ଷା ସଚିବ, ଉଇଝର ଅଧ୍ୟକ୍ଷ ଏବଂ ମନ୍ତ୍ରଣାଳୟ ଏବଂ ଉଇଝରର ଅନ୍ୟାନ୍ୟ ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଛି। ଏହି ଆଲୋଚନାରୁ ପ୍ରସ୍ତୁତ ଡ୍ରାଫ୍ଟ ଯୋଜନାକୁ ଶୀଘ୍ର ଉଇଝର ଦ୍ୱାରା ସାଧାରଣ ପରାମର୍ଶ ପାଇଁ ଉପସ୍ଥାପନ କରାଯିବ।

# ନବବଧୂ ରଶ୍ମି ରଞ୍ଜନୀ ବଡ଼କୁମାରଙ୍କ ହତ୍ୟା ପ୍ରତିବାଦରେ ଗୁଡ଼ାରିରେ କ୍ୟାଣ୍ଡେଲ ରାଲି



**ଗୁଡ଼ାରି,(ନି.ପ୍ର) :** ରାୟଗଡା ଜିଲ୍ଲା ଚନ୍ଦ୍ରପୁରର ନବବଧୂ ସ୍ୱର୍ଗତ ରଶ୍ମି ରଞ୍ଜନୀ ବଡ଼କୁମାରଙ୍କ ହତ୍ୟା ପ୍ରତିବାଦ ସହ ତାଙ୍କର ଅମର ଆତ୍ମାର ସହଗତି କାମନା କରି ଗୁଡ଼ାରୀରେ ମଙ୍ଗଳବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ରାଲି ଅନୁଷ୍ଠିତ ହୋଇଯାଇଛି । ଶୋଭାଯାତ୍ରାରେ ଉପସ୍ଥିତ ଜନ ସାଧାରଣ କ୍ୟାଣ୍ଡେଲ ଜାଳି ପ୍ରଥମେ ନୀରବ ପ୍ରାର୍ଥନା କରିଥିଲେ। ପରେ ଶୋଭାଯାତ୍ରା ରେ ସହର ପରିକ୍ରମା କରିଥିଲେ । ସ୍ୱର୍ଗତ ରଶ୍ମି ରଞ୍ଜନ ବଡ଼କୁମାର ଏକ ପୋଷ୍ଟ ମାଷ୍ଟର ଥିଲେ । ଏହି ରାଲିରେ ସ୍ଥାନୀୟ ଶପ୍ରେସ ୟୁନିୟନ ର ସମସ୍ତ ସଦସ୍ୟ, ୟଥ ଫର ଚେଞ୍ଜର ସମସ୍ତ ସଦସ୍ୟ, ସହର ବାସିନ୍ଦା ଓ ବୁଦ୍ଧିଜୀବିମାନେ ଯୋଗଦେଇଥିଲେ । ପ୍ରକାଶ ପାଇଛି ଗତ ଜୁଲାଇ ମାସରେ ରଶ୍ମୀରଞ୍ଜନୀଙ୍କୁ ବିବାହ କରିଥିଲେ । ବିବାହ ହୋଇ ୮ ମାସ ପୂର୍ଣ୍ଣ ହେବା ପୂର୍ବରୁ ତାଙ୍କ ଶାଶୁ ଘର ଲୋକ ଯୌତୁକ ଦାବି କରି ହତ୍ୟା କରିଥିବା ନେଇ ମୃତ କି ଙ୍କ ପରିବାର ଲୋକ ଗୁଣପୁର ପୋଲିସ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ମୃତ କି ଙ୍କ ସ୍ୱାମୀ, ଶାଶୁ, ଓ ଶ୍ୱଶୁର ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଚୁଡି ଦୋକାନ ଭିତରେ ଯୁବକଙ୍କ ଆତ୍ମହତ୍ୟା



**ଶେରଗଡ,(ନି.ପ୍ର) :** ଜଣେ ଯୁବକ ନିଜ ଦୋକାନ ଭିତରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଘଟଣା କ୍ରମେ, ଶେରଗଡ ଥାନା ଚାରି ଛକ ଠାରେ ଶ୍ରୀ ଗଣେଶ ଚୁଡି ମହଲ ନାମରେ ଏକ ଚୁଡି ଦୋକାନ ଆଜକୁ ପାଞ୍ଚ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ଏହାର ମାଲିକ ହେଉଛନ୍ତି ଆସିକା ଥାନା କୁମ୍ଭାର ସାହି ବାସିନ୍ଦା କେ.ପ୍ରସାଦ ରାଓ। ତାଙ୍କରି ପୁଅ କେ.ଆଦର୍ଶ ରାଓ (୨୩) ଏହି ଦୋକାନ ର ବୁଝାଶୁଝା କରୁଥିଲେ। ପ୍ରତ୍ୟେକ ଦିନ ଭଳି ଗତକାଲି ମଧ୍ୟ ଆଦର୍ଶ ଦୋକାନ ରେ ଥିବା ପିଲା କୁ ଦୋକାନ ବନ୍ଦ କରିବା ପରେ ହେଲପର କୁ ଘରକୁ ପଠାଇ ଦେଇଥିଲେ। ବାପାଙ୍କ କହିବା ମୁତାବକ, ଆଦର୍ଶ ଙ୍କ କୌଣସି କାମ ଅଛି କହିବା ସହ ଦୋକାନ ରେ ରହିଯିବି ବୋଲି କହିଥିଲେ। ଏହା ପରେ ଆଦର୍ଶ ଦୋକାନ ଭିତର ପଟରୁ ଲକ କରି କୀଟନାଶକ ଖାଇଥିବା ଅନୁମାନ କରାଯାଉଛି। ଆଜି ସକାଳେ ଦୋକାନ ର ହେଲପର ଆସି ଦେଖିଲେ ଦୋକାନ ଭିତର ପଟରୁ ଲକ ଅଛି। ହେଲପର କବାଟ ବାଡେଇଲେ ମଧ୍ୟ କେହି ନ ଶୁଣିବାରୁ ଆଦର୍ଶଙ୍କ ବାପା କେ.ପ୍ରସାଦ ରାଓଙ୍କୁ ଜଣାଇଥିଲେ। ପ୍ରସାଦ ଖବର ପାଇ ଦୋକାନ ନିକଟରେ ପହଞ୍ଚି ଶେରଗଡ ଥାନାକୁ ଅବଗତ କରାଇଥିଲେ। ଏହା ପରେ ଶେରଗଡ ଥାନାଧିକାରୀ ବରେନ୍ଦ୍ର ସିଅଳ, ଏସଆଇ ସତ୍ୟଜିତ ବେଣିଆ ଟିମ ସହିତ ଘଟଣା ସ୍ଥଳରେ ପହଞ୍ଚି କବାଟ କାଟି କବାଟ ଖୋଲିଥିଲେ। କବାଟ ଖୋଲି ଦେଖିଲା ବେଳକୁ ଆଦର୍ଶ ସୋଫା ଉପରେ ପଡିଥିବା ଦେଖିବାକୁ ପାଇଥିଲେ। ଏହା ପରେ ୧୦୮ ଆମ୍ବୁଲାନ୍ସ ରେ ଆଦର୍ଶ ଙ୍କୁ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆଯାଇଥିଲା ଏବଂ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଶେରଗଡ ଥାନା ପକ୍ଷରୁ ୦୭/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ଆସିକା ପଠାଯାଇଥିବା ଜଣାପଡିଛି। ଆଦର୍ଶ କାହିଁକି ଆତ୍ମହତ୍ୟା କଲେ, ତାହାର ତଦନ୍ତ ପରେ ଜଣାପଡିବ ବୋଲି ଥାନାଧିକାରୀ ପ୍ରକାଶ କରିଛନ୍ତି।

# ବୁଗୁଡା ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା

**ବୁଗୁଡା,(ନି.ପ୍ର) :** ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ବି.କରଡ଼ାବାଡ଼ି ଗ୍ରାମର ସର୍ଦ୍ଦାର ଅନ୍ତର୍ଯ୍ୟାମୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଫେବୃୟାରୀ ୧୮ ତାରିଖ ଦିନ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଇଓ ଚିନ୍ମୟ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଏବିଇଓ ତଥା ବି.ଆର.ସି.ସି. ଅମିତା କୁମାରୀ ପାଢ଼ୀ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ବୁଗୁଡା ବିଡ଼ିଓ ଦୁତିକୃଷ୍ଣ ପାତ୍ର, ମୁଖ୍ୟ ବକ୍ତା ଭାବେ ବୁଗୁଡା ତହସିଲଦାର ତାପସ ରାଉତ ଏବଂ ସମ୍ମାନିତ ଅତିଥି ଭାବେ ଏବିଇଓ ତପସ୍ୱିନୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଚାନ୍ଦିନୀ ନାୟକ, ସ୍ଥାନୀୟ ସରପଞ୍ଚ ଚାନ୍ଦିନୀ ଆଚାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ, ଶିକ୍ଷାବିତ ବଂଶୀଧର ନାୟକ ଓ ଶିକ୍ଷକ ସଙ୍ଘ ସଭାପତି ମନୋରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳରୁ ୧୫୦ ଜଣ ଛାତ୍ରଛାତ୍ରୀ ବୃନ୍ଦ ନିଜର ଶିକ୍ଷଣ ସାମଗ୍ରୀ ନିର୍ମାଣ କରି ବ୍ଲକ ସ୍ତରୀୟ ମେଳାରେ ଯୋଗଦେଇଥିବା ବେଳେ ୨୨ ଜଣ ଗାଇଡ଼ ଟିଚର ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀ ବୃନ୍ଦଙ୍କ ଶିକ୍ଷଣ ସାମଗ୍ରୀ ଉଚ୍ଚ ପ୍ରଶଂସିତ ହୋଇଥିଲା। ଉତ୍ତମ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



# ସେବା ପ୍ରଦାନ ଦିଗରେ ନିଜର କର୍ତ୍ତବ୍ୟ ପାଳନ ନେଇ ଦିନିକିଆ କର୍ମଶାଳା



**ଖଡିଆଳ,(ନି.ପ୍ର) :** ନୂଆପଡା ଜିଲ୍ଲା ଖଡିଆଳା ବ୍ଲକ ସମ୍ମିଳନୀ କକ୍ଷ ଠାରେ ସରକାରୀ କର୍ମଚାରୀ ଙ୍କ ଲୋକଙ୍କ ସେବା ପ୍ରଦାନ ଦିଗରେ ନିଜର କର୍ତ୍ତବ୍ୟ ପାଳନ ନେଇ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିବା ବେଳେ ସରକାରଙ୍କ ବିଭିନ୍ନ ବିଭାଗ ରୁ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଲୋକଙ୍କୁ ସେବା ପ୍ରଦାନ ଦିଗରେ ସରକାରଙ୍କ ମାର୍ଗଦର୍ଶିକା ମୁତାବକ କାର୍ଯ୍ୟ କରିବା ସହ ସମୟ ସୀମା ମଧ୍ୟରେ ନିଜ କାର୍ଯ୍ୟ ସମ୍ପାଦନ ପାଇଁ ଆହ୍ୱାନ କରିଛନ୍ତି। ଏହି ସଚେତନ କର୍ମଶାଳା ରେ ସ୍ୱେଚ୍ଛାସେବୀ ମହେନ୍ଦ୍ର ଯୋଶୀ ଯୋଗ ଦେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି। ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ ଯୋଗ ଦେଇଥିଲେ।

# ନୟାଗଡ଼ ଜିଲ୍ଲା ଶାଖାର ଏକ ଆଭାସୀ ବୈଠକ



**ଖଣ୍ଡପଡ଼ା,(ନି.ପ୍ର) :** ୪୮ ବର୍ଗ ଅଧ୍ୟାପକ କର୍ମଚାରୀ ସମନ୍ୱୟ ସମିତି ନୟାଗଡ଼ ଜିଲ୍ଲା ଶାଖାର ଏକ ଆଭାସୀ ବୈଠକ ଜିଲ୍ଲା ସଭାପତି ସାହାଜାହାନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ଅନ୍ୟୁନ ୪୦ ଜଣ ପ୍ରତିନିଧି ଯୋଗ ଦେଇ ବହୁ ଆବଶ୍ୟକ ପେନସନ, ପ୍ରମୋସନ ଓ ଚାକିରୀ ସର୍ତ୍ତକ୍ଷବଳୀ ଦାବିରେ ସଂଘର ଆହ୍ୱାନରେ ଆଗାମୀ ୨୦ ତାରିଖ ଗୁରୁବାର ଦିନ ଭୁବନେଶ୍ୱର ସମାବେଶରେ ଯୋଗ ଦେବାପାଇଁ ସାମୁହିକ ନିଷ୍ପତି ହୋଇଯାଇଅଛି । ଏହି ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ବ୍ୟମକେଶ ରଥ,ଲକ୍ଷ୍ମୀଧର ସାହୁ, ଦିଲ୍ଲୀପ ଦାସ, ଦିଲ୍ଲୀପ ମିଶ୍ର, ତୃପ୍ତି ମିଶ୍ର, ରବୀନ୍ଦ୍ର ପଟନାୟକ, ପ୍ରିୟ ରଞ୍ଜନ ରଥ ପ୍ରମୁଖ ଯୋଗ ଦେଇ ସରକାରଙ୍କୁ ଆଉ ଅଧିକ ବିଳମ୍ବ ନକରି ଦାବି ପୂରଣ କରିବାକୁ ନିବେଦନ କରିବା ସହ ଆହୁତ ସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ କରିଥିଲେ ।

# ଗ୍ରୀଷ୍ମ ପ୍ରବାହ ପ୍ରଶମନ ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

## 'ପାନୀୟ ଜଳ ଯୋଗାଣ ଓ ଜନ ସେଚତନତାକୁ ଗୁରୁତ୍ୱ'



**ନୂଆପଡା,(ନି.ପ୍ର) :** ଫେବ୍ରୁୟାରୀ ମାସରେ ତାପମାତ୍ରା ବୃଦ୍ଧିକୁ ଆଖିରେ ରଖି ନୂଆପଡ଼ା ଜିଲ୍ଲା ଜରୁରୀ କାଳୀନ ଶାଖା ତରଫରୁ ତା ୧୮ ରିଖ ଦିନ ଜିଲ୍ଲା ଓଶ୍ୱାନ ଙଝଡଇଘ ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀଯୁକ୍ତ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁବାସ ଚନ୍ଦ୍ର ରଇତ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲମ୍ବୋଦର ଧରୁଆ , ଉପ-ଜିଲ୍ଲାପାଳ ଶ୍ରୀ ଯୋଗେନ୍ଦ୍ର ମାଝୀ, ଏପି ଡି ଯୋଗେଶ୍ୱର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଗୁରୁପ୍ରସାଦ ଜେନା, ଜରୁରୀ କାଳୀନ ଅଧିକାରୀ ଏସ କେ ନସିମ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସହିତ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ମଣ୍ଡଳ ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଶ୍ରୀ ସୁବାଷ ଚନ୍ଦ୍ର ରଇତ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ବୈଠକରେ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ କିପରି ଗ୍ରୀଷ୍ମ ପ୍ରବାହକୁ ପ୍ରଶମନ କରିହେବ ସେଥିନିମନ୍ତେ ଆଲୋଚନା କରିଥିଲେ । ସମସ୍ତ ଜିଲ୍ଲା ଅଧିକାରୀମାନଙ୍କ ବିଭାଗର ଦାୟିତ୍ୱ ଏବଂ ଭୂମିକା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥଲା କ୍ଷ ଏହି ବୈଠକରେ ମହେନ୍ଦ୍ର କୁମାର ସ୍ୱାଇଁ ପ୍ରକଳ୍ପ ଅଧିକାରୀ ,ଙଝଉଗଇ ପାୱାର ପଏଣ୍ଟ ମାଧ୍ୟମରେ ବିଭାଗୱାରି ସେମାନଙ୍କ ଦାୟିତ୍ୱ ଉପରେ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ରଇତ ପାନୀୟ ଜଳର ଅଭାବ ଓ ଏହାର ଭରଣା ଉପରେ ମଣ୍ଡଳ ୱାରି ଆଲୋଚନା କରିବା ସହ ଜନସଚେନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେ ବନାଗ୍ନି ନିୟନ୍ତ୍ରଣ ,ପଶୁ ପକ୍ଷୀ ମାନଙ୍କ ସୁରକ୍ଷା , ବିଦ୍ୟୁତ ବିଭାଗର ପାୱାରକଟ, ଗ୍ରୀଷ୍ମ କାଳରେ ଯାନବାହାନ ଚଳାଚଳ ଇତ୍ୟାଦି ଉପରେ ଆଲୋଚନା କରିବା ସହ ତାହାର ସମାଧାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।ଶ୍ରୀଯୁକ୍ତ ଧରୁଆ ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜଳଛତ୍ର ପରିଚାଳନା, ଅଂଶୁଘାତ ଚିକିତ୍ସା ଏବଂ ମୃତ୍ୟୁର ଅନୁକମ୍ପା ରାଶି ପାଇବା ନିମନ୍ତେ ମିଳିତ ତଦାରଖ ଉପରେ ଅବଗତ କରାଇଥିଲେ । ଏହି ବୈଠକରେ ସମସ୍ତ ତହସିଲଦାର, ଗୋଷ୍ଠି ଉନ୍ନୟନ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଆଭାସି ମାଧ୍ୟମରେ ଯୋଡି ହୋଇଥିଲେ।

# ବାଇକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥବା ବେଳେ ଜଣେ ବ୍ୟକ୍ତି ଗୁରୁତର

**ନନ୍ଦପୁର,(ନି.ପ୍ର) :** ବ୍ଲକ ରାଇସିଂ ପଞ୍ଚାୟତ ମହକୁମା ନିକଟ ରେ ଆଜି ଏକ ଟ୍ରକ ସହ ବାଇକ୍ ପିଟି ହୋଇ ବାଇକ ଚାଳକ ର ମୃତ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ରାଇସିଂ ଗାଁ ର ସୁବାଷ ମୁଦୁଲି (୩୫) ଆହତ ଜଣକ ହେଲେ କାଲାଡ଼ି ଗାଁ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ହୃଷୀକେଶ ମହାନ୍ତି। ଆଜି ସୁବାଷ ଏକ ହିରୋ ବାଇକ ନମ୍ବର



ଓ ଆର ୧୦ଏଚ ୬୩୬୦ ଯୋଗେ ଶିକ୍ଷକ ହୃଷୀକେଶ ମହାନ୍ତି ଙ୍କ ସହ କାଲାଡ଼ି ଯାଉଥିଲେ।ରାଇସିଂ ନିକଟ ପୋଡମରା ନିକଟ ରାସ୍ତା କଡ଼ ରେ ପାନୀୟ ଜଳ ଯୋଗାଣ ପାଇଁ ପାଇପ ଓହ୍ଲାଇବା ନିମନ୍ତେ ଠିଆ ହୋଇଥିବା ନମ୍ବର ଏପି ୩୯ ଭିଇ ୨୫୮୧ ଟ୍ରକ୍ ସହ ବାଇକ ପିଟି ହୋଇଥିଲା। ଏଥିରେ ସୁବାଷ ଗୁରୁତର ହୋଇଥିବା ବେଳେ ଶିକ୍ଷକ ଜଣକ ମଧ୍ୟ ଆହତ ହୋଇଥିଲେ। ଏହି ଦୁହିଁଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ନନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଥିଲେ। ସେଠାରେ ଡାକ୍ତର ସୁବାଷ କୁ ମୃତ ଘୋଷଣା କରିଥିଲେ। ଆହତ ଶିକ୍ଷକ ଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପାଡୁଆ ପୁଲିସ ଘଟଣା ସ୍ଥଳ ରେ ପହଞ୍ଚି ଟ୍ରକ କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟପଟେ ମୃତକ ଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ଦାବୀ ରେ ରାସ୍ତା ରୋକ କରିଥିଲେ। ସଂପୃକ୍ତ ପାଇପ ଲାଇନ୍ ବିଛାଇଥିବା ସଂସ୍ଥା ସହ ଆଲୋଚନା ଓ କ୍ଷତିପୂରଣ ଦେବା ପାଇଁ ରାଜି ହେବା ପରେ ରାସ୍ତା ରୋକ ରୁ ଓହରିଥିଲେ। ଆସନ୍ତା କାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପାଡୁଆ ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ଆରମ୍ଭ ହେଲା ଯୁକ୍ତଦୁଇ କଳା ଓ ବାଣିଜ୍ୟ ପରୀକ୍ଷା



**ଭାପୁର,(ନି.ପ୍ର) :** ନୟାଗଡ ଜିଲ୍ଲା ଭାପୁର ବ୍ଲକର ତିନୋଟି ପରୀକ୍ଷା କେନ୍ଦ୍ରରେ କଳା ଓ ବାଣିଜ୍ୟ ବିଭାଗରେ ମୋଟ ୫୭୯ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିବା ବେଳେ ୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ପରୀକ୍ଷା କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିବା ଅଧକ୍ଷଙ୍କ ଠାରୁ ପ୍ରକାଶ। ଆଜି ରାଜ୍ୟରେ ଯୁକ୍ତ ଦୁଇ କଳା ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ପଦ୍ମାବତୀ ଗ୍ରାମସ୍ଥିତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା ବିଭାଗରେ ମୋଟ ୧୨୬ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ ଓ ୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ ଏବଂ ବାଣିଜ୍ୟ ବିଭାଗ ପରୀକ୍ଷାରେ ମୋଟ ୧୨ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ବାଇଗୁଣିଆ ଗ୍ରାମସ୍ଥିତ ପଠାଣି ସାମନ୍ତ ମହାବିଦ୍ୟାଳୟ ପରିସରରେ କଳା ବିଭାଗରେ ମୋଟ ୩୫୭ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିବା ବେଳେ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଭାପୁର ବ୍ଲକ ସଦର ମହକୁମା ସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କଳା ବିଭାଗରେ ମୋଟ ୮୪ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିବା ବେଳେ ୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଅଧ୍ୟାପିକା ଇତିଶ୍ରୀ ବେହେରା ପଦ୍ମାବତୀ ଗ୍ରାମ ସ୍ଥିତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଅଧ୍ୟାପକ ପ୍ରଦୀପ ଦାସ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାପୁର ରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଆଜିର ଏହି ପ୍ରଥମ ଦିନ ପରୀକ୍ଷା ସମସ୍ତ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଥିବା ନେଇ ନୋଡାଲ କେନ୍ଦ୍ର ଦାୟିତ୍ୱରେ ଥିବା ଅଧକ୍ଷ ବଳରାମ ସାହୁଙ୍କ ଠାରୁ ପ୍ରକାଶ।

# ପୁଣି ଥରେ ମହୁଲ ପୋଚ ସହ ହାତରନ୍ଧା ମଦ ଜବତ



**ନୂଆପଡା,(ନି.ପ୍ର) :** ଜିଲ୍ଲା କୋମନା ବ୍ଲକ ଲଖନା ଥାନା ଅନ୍ତର୍ଗତ ମେଣ୍ଢାଟାଲ ଗ୍ରାମ ନିକଟପୁଣି ଥରେ ଜଙ୍ଗଲ ରେ ଅବକାରୀ ବିଭାଗ ଚଢ଼ାଉ କରି ମହୁଲ ପୋଚ ଓ ହାତରନ୍ଧା ମଦ ଜବତ କରି ନଷ୍ଟ କରିଛି। ଏନଫୋର୍ସମେଣ୍ଟ ଇନ୍ସପେକ୍ଟର ସୁରେଶ ତାଣ୍ଡି ଙ୍କ ନେତୃତ୍ୱରେ ଅବକାରୀ ଟିମ ଉକ୍ତ ଜଙ୍ଗଲ ରେ ଚଢ଼ାଉ କରି ବେଆଇନ ଭାବେ ରାନ୍ଧୁ ଥିବା ମଦ ପ୍ରସ୍ତୁତି ସ୍ଥାନ ରୁ ମଦରନ୍ଧା ରେ ବ୍ୟବହୃତ ବାସନ କୁସନ ସହ ସାତ ଶହ କେଜି ମହୁଲି ପୋଚ ଓ ତିରିଶ ଲିଟର ହାତ ରନ୍ଧା ମଦ ଜବତ କରି ନଷ୍ଟ କରି ଦେଇଥିବା ଇନ୍ସପେକ୍ଟର ଶ୍ରୀ ତାଣ୍ଡି ଙ୍କ ସୂତ୍ରରୁ ପ୍ରକାଶ. ।ତେବେ ସମ୍ପୃକ୍ତ ଅପରାଧୀ ଘଟଣା ସ୍ଥଳରେ ନଥିବା ଦେଖିବାକୁ ମିଳିଛି ।ଏହି ଚଢ଼ାଉ ରେ ଏସ. ଆଇ ସଚଳା ପାଢ଼ୀ, ଏ.ଏସ.ଆଇରାମ ଚନ୍ଦ୍ର ଯାନୀ, କନଷ୍ଟେବଳ ପୁରୋହିତ ବନଛୋର, ଦେବିସିଂ ମାଝୀ, ମୋହନ ମୁରାରୀ ତାଣ୍ଡି ସାମିଲ ଥିଲେ।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ମୁନିଗୁଡା,(ନି.ପ୍ର) :** ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ପଞ୍ଚାୟତ କମ୍ୟୁନିଟ ହଲ ପରିସରରେ ଓଡଶା ସରକାର ସାମାଜିକ, ସୁରକ୍ଷ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଏବଂ ପଞ୍ଚାୟତ ସମିତି ମୁନିଗୁଡ଼ା ସାମାଜିକ ସୁରକ୍ଷା ବିଭାଗ ସୌଜନ୍ୟର ଆୟୋଜିତ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତିଙ୍କ ତତ୍ତ୍ୱାବଧାନରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥିଭାବେ ରାୟଗଡା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତ ଜିଲ୍ଲା ଏସ.ଏସ.ଏସ.ଓ ଏଲ ସନ୍ତୋଷ ପ୍ରମୁଖ ଉପସ୍ଥିତ ରହି ଶିବିରରେ ଅନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ ଆଜିର ଶିବିରରେ ସଂଖ୍ୟାଧିକ ଭିନ୍ନକ୍ଷମ ମାନଙ୍କ ସହିତ ସେମାନଙ୍କ ସହଯୋଗୀ ମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ଏହି ଶିବିରରେ ଭିନ୍ନକ୍ଷମ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସେମାନଙ୍କୁ ଅନ ଲାଇନ୍ ପ୍ରମାଣ ପତ୍ର ପ୍ରଦାନ ମିଳିବାରେ ସହାୟତା ସହିତ ଦୁଇ ଜଣ ଭିନ୍ନକ୍ଷମଙ୍କୁ ଚେନ ପୁଲ ଚେୟାର ଜଣଙ୍କୁ ହୁଇଲ୍ ଚେୟାର ଗାଡି ବଣ୍ଟନ କରାଯାଇଥିଲା ସମୁଦାୟ ୩୮୭ ଜଣ ଭିନ୍ନକ୍ଷମ ପୁରୁଷ ଓ ମହିଳା ଏହି ଶିବିରରେ ସେମାନଙ୍କ ନାମ ପଞ୍ଜିକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ଦୃଷ୍ଟି ଶକ୍ତି ବାଧିତ ୪୫ ଜଣ ଅଙ୍ଗ ପ୍ରତ୍ୟଙ୍ଗ ଭିନ୍ନକ୍ଷମ ମଧ୍ୟରେ ୧ ଜଣ ଶ୍ରୀଣ ବାଧୀତ ୫୨ ଜଣ ମାନସିକ, ଅନଗ୍ରସର ଓ ଶିକିଲ୍ ସେଲ ୩୮ ଜଣ ଭିନ୍ନକ୍ଷମ ଚିହ୍ନଟ ଙ୍ଗହୋଇଥିଲେ ଏହି ଶିବିରରେ ଚକ୍ଷୁକ ବିଶେଷଜ୍ଞ ଡା.ଏମ.ସୁରେଶ କୁମାର ଅସ୍ଥି ଶଲ୍ୟ ବିଶେଷଜ୍ଞ ଡା.ସଂଘମିତ୍ରା ପାତ୍ର ଶିଶୁ ରୋଗ ବିଶେଷଜ୍ଞ ଡା.ମମତା ଶତପଥୀ ଡା.ଭେଷଜ ବିଶେଷଜ୍ଞ ସୁଜ୍ଞାନ ଦାସ ଅଡିଓଲୋଜିଷ୍ଟ ଶ୍ରୀମତୀ ସିକିଲ୍ ଅଫିସର ମୀନକେତନ ଗୋମାଙ୍ଗ ପ୍ରମୁଖ.କୋରାପୁଟ ଓ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବାବେଳେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡ଼ା ସନ୍ତୋଷ ସାହୁ ଫାର୍ମାଶିଷ୍ଟ ଅଶୋକ ସାହୁ ଭିନ୍ନକ୍ଷମମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଥିବା ଦେଖିବାକୁ ମିଳିଥିଲା ଶିବିର ପରିଚାଳାରେ ସି.ଡି.ପି.ଓ ଡାଳିମ୍ବ ନାୟକ ସୁରଜ ମଲ୍ଲିକ୍ ବ୍ଲକ ସାମାଜିକ ସୁରକ୍ଷା ସେକ୍ସନ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବାର୍ଷିକ ଉତ୍ସବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତେଲେନପାଲି



**ବଲାଙ୍ଗିର,(ନି.ପ୍ର) :** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ତେଲେନପାଲି ଗ୍ରାମ ପଞ୍ଚାୟତର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତେଲେନପାଲି ଠାରେ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲାପ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା ମୁଖ୍ୟ ଅତିଥି ଭାବରେ, ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ ମୁଖ୍ୟ ବକ୍ତା ଭାବରେ ମଞ୍ଚାସିନ ହୋଇଥିଲେ । ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ, ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା ,ବିପ୍ର ବିଶି, ଟିକେଚନ ମାଝୀ,ସୋମନାଥ ଛତ୍ରିଆ ବିଦ୍ୟାଳୟ ପରିଚାଳନା ସମିତି,ଉପେନ୍ଦ୍ର ସୁନା ସି ଆର ସି ସି ତେଲେନପାଲି, ମଞ୍ଚ ସଂଯୋଜନା ହେମନ୍ତ କୁମାର ଭୋଇ କାର୍ଯ୍ୟକ୍ରମ କୁ ସଫଳ କରିବାକୁ ବିଦ୍ୟାଳୟର ଶିକ୍ଷକ ଲମ୍ବୋଦର ଭୋଇ, ଆମର ଜିତ ଭୋଇ, ରାଜେନ୍ଦ୍ର ନାରାୟଣ ସାହୁ, ଲାବଣ୍ୟ ମୟୀ ଲୁହର, ଡୋଳେଶ୍ୱରୀ ପାତ୍ର, ଆଶା ଗଡତିଆ ପ୍ରମୁଖଙ୍କ ସହ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିଲେ । ଶେଷରେ ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ଉତ୍ସବକୁ ଉପଭୋଗ କରିଥିଲେ ।

# ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୧୯ତମ ବାର୍ଷିକ ସମାରୋହ

**ପାଟଣା,(ନି.ପ୍ର) :** ପାଟଣା ବ୍ଲକ ମୁଖ୍ୟାଳୟ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୧୯ ତମ ବାର୍ଷିକ ସମାରୋହ ଆଜି ପ୍ରଧାନ ଶିକ୍ଷକ କମଳାକାନ୍ତ ପତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପାର୍ଥସାରଥୀ ବେଜ କାର୍ଯ୍ୟକ୍ରମ ରେ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ ମୁଖ୍ୟବକ୍ତା ଭାବେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ନୃସିଂହ ନାଥ ସିଂହ,ସମ୍ମାନୀତ ଅତିଥି ଭାବେ ବ୍ଲକ ସହ ଶିକ୍ଷାଧିକାରୀ ପ୍ରକାଶ କୁମାର ରାୟ ଓ ବିଜୟ କୁମାର ଓଝା, ସମାଜସେବୀ ଅଜୟ କୁମାର ଦାଶ,ବଡପାଟଣା ସରପଞ୍ଚ ବିନତି ବାନରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିର୍ମୟ ତ୍ରିପାଠୀ ଓ ଶୈଳେନ୍ଦ୍ର ମହାନ୍ତ, ସନ୍ତୋଷ ନାଏକ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ସମ୍ବୋଧିତ କରିଥିଲେ। ଶିକ୍ଷକ ପ୍ରକାଶ ମିଶ୍ର ଯୁଗୋଜ୍ୟୋତି ମହାନ୍ତ, ସସ୍ମିତା ନାୟକ, ମାଧବାନନ୍ଦ ମହାନ୍ତ, ପ୍ରମୁଖଙ୍କ ସଂଯୋଜନା ରେ କ୍ରୀଡ଼ା ଓ ମେଧା ଅନ୍ୱେଷଣ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ପରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ର ଛାତ୍ରଛାତ୍ରୀ ଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



# ଅସୁରକ୍ଷିତ ଗୃହରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

**ହାଟଡିହି,(ନି.ପ୍ର) :** ସରକାର ଅଙ୍ଗନବାଡି କେନ୍ଦ୍ରଗୁଡିକର ସୌନ୍ଦର୍ଯ୍ୟକରଣ କରି କୋମଳମତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ନୂତନ ଗୃହ ଯୋଗଇ ଦେବ ବା ସହିତ ବିଭିନ୍ନ ଯୋଜନାମାନ କରୁଛନ୍ତି । ନୂତନ ଗୃହ ସାଙ୍ଗକୁ ରଙ୍ଗବେରଙ୍ଗର ଚିତ୍ର, ଖେଳନା ଓ ବିଭିନ୍ନ ପ୍ରକାର ସୁଖାଦ୍ୟ ମଧ୍ୟାହ୍ନ ଭୋଜନରେ ପ୍ରଦାନ କରି ହସ, ଖୁସୀ ଓ ଖେଳ ମାଧ୍ୟରେ ସେମାନଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି । ବିଭିନ୍ନ ଅଙ୍ଗନୱାଡିର ନୂତନ ଗୃହ ପାଇଁ ଡିଏମଏଫ ଯୋଜନାରୁ ନାରୁ ଅନୁଦାନ ଯୋଗାଇ ଦିଆଯାଇ ଜିଲ୍ଲା ପ୍ରଶାସନ ପ୍ରଶଂସା ସାଉଁଟୁଥିବା ବେଳେ ବହୁ ଅଙ୍ଗନୱାଡି କେନ୍ଦ୍ରର ଗୃହ ନଥିବାରୁ ସ୍କୁଲ ବାରଣ୍ଡା, କ୍ଲବ ଘର । ଓ ନିଜ ଘରେ କେନ୍ଦ୍ର ଚାଲିଛି । ଏବେ ବ୍ଲକ ର ବହୁ କେନ୍ଦ୍ରର ଘର ନ ଥିବାରୁ ପ୍ରଶାସନର ଦକ୍ଷତା ଉପରେ ପ୍ରଶ୍ନ ଉଠୁଛି । ମୁଖ୍ୟମନ୍ତ୍ରୀ ଜିଲା ତଥା ଡିଏମଏଫ ଅନୁଦାନ କୋଟି କୋଟି ଟଙ୍କା ଗଚ୍ଛିତ ଥିବାବେଳେ କୋମଳମତି ଛାତ୍ରଛାତ୍ରୀ ନିଜସ୍ୱ ଘରରେ ଶିକ୍ଷା ଗ୍ରହଣ ନ କରି ସ୍କୁଲ ବାରଣ୍ଡା, କ୍ଲବ, କର୍ମିଙ୍କ ନିଜ ଘରେ ଏବଂ ଅସୁରକ୍ଷିତ ଗୃହରେ କିଛି କେନ୍ଦ୍ର ଚାଲିଥିବାରୁ ପ୍ରଶାସନର ଦକ୍ଷତା ପଦାରେ ପକାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ପ୍ରଶାସନ ସ୍ଥାଣୁ ପାଲଟିଥିବା କୁହାଯାଉଛି । କେବେ କୋମଳମତି ଛାତ୍ରଛାତ୍ରୀଙ୍କ ଭାଗ୍ୟରେ ସୌନ୍ଦର୍ଯ୍ୟ କରଣ ଗୃହ ମିଳିବ ତାକୁ ନେଇ ସନ୍ଦେହ ସୃଷ୍ଟି କରିଛି । ଯାହା ଧନୁର୍ଜୟ ପୁର ପଞ୍ଚାୟତର ଧନୁର୍ଜୟପୁର ଗ୍ରାମର ଥିବା ଅଙ୍ଗନବାଡି କେନ୍ଦ୍ର ନଥିବାରୁ ଏକ କ୍ଲବ ଘରେ କେନ୍ଦ୍ର ଚାଲିଛି । ଯାହା କି ସରକାରଙ୍କର ଯୋଜନାର ସଫଳ ରୁପାୟନ ପାଇବା କଷ୍ଟକର । ସେହିପରି ଜଡାବାଙ୍କ, କୁଶଟିକିରି, ଶିଆଡିମାଳି, ଅନ୍ଧାରି, ମରଚାଇପଦା, କାନପୁର, ସୋସୋ(୨). ନୁଆରଗୁଡି, ଫୁଲଝର, ହରଡବାଡି, ଝୁଣପଶି, ଭଅଁରା, କେ.ବାଲିପାଳ, ସରମୁଣ୍ଡି ଆଦି ବହୁ କେନ୍ଦ୍ରରେ ନିଜସ୍ୱ ଗୃହ ନଥି ?ବାରୁ ବିଦ୍ୟାଳୟ ବାରଣ୍ଡା ଓ ଅସୁରକ୍ଷିତ ଗୃହରେ ଚାଲିଛି । ଅନ୍ୟ ପକ୍ଷରେ ଗୃହ ପାଇ ଅନୁଦାନ ଯୋଗାଇ ଦିଆଗଲେ ମଧ୍ୟ ତାହା ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ ହେଉନାହିଁ । ଆଉ କିଛି ସ୍ଥାନରେ ରାଜନୈତିକ ଛକାପଞ୍ଝା ଓ ପୁରୁଣା ଏଷ୍ଟିମେଣ୍ଟ ପାଇଁ କାର୍ଯ୍ୟ ହୋଇ ପାରୁନାହିଁ । ଏଭଳି କ୍ଷେତ୍ରରେ ଜିଲାପ୍ରଶାସନ ସମୀକ୍ଷା କରି ସମାଧାନ କରିବାରେ ଫେଲ ମାରିଛି । ଯାହା ପାଇଁ ସରକାର ବଦନାମ୍ ହେବା ସହିତ କୋମଳମତି ଛାତ୍ରଛାତ୍ରୀ ଉନ୍ନତମାନର ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି । ଅନ୍ୟପକ୍ଷରେ ବ୍ଲକ ପ୍ରଶାସନର ଅଧିକାରୀ ଅଳ୍ପ ଦିନ ରହି ବଦଳି ହୋଇଯାଉଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ମୁଖ୍ୟ ମନ୍ତ୍ରୀ ଜିଲାରେ ଏଭଳି କୋମଳମତି ଛାତ୍ରଛାତ୍ରୀ ବାରଣ୍ଡା, କ୍ଲବ ଓ ଅସୁରକ୍ଷିତ ଘରେ ଶିକ୍ଷା ଗ୍ରହଣ କରୁଥିବାବେଳେ ପ୍ରଶାସନ କେତେ ଦକ୍ଷ ଏଥିରୁ ଆନୁମେୟ । ଏହା କୁ ନେଇ ସୁପରଭାଇଜର ରେଣୁବାଳ ଜେନା ଙ୍କୁ ପଚାରିବାରୁ ଧନୁର୍ଜୟପୁର, କେ.ବାଲିପାଳ ଓ ହଦଗଡ଼ ଆଦିବାସୀ ପଞ୍ଚାୟତର ବହୁ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ଯାହା ଫଳରେ ଧନୁର୍ଜୟପୁର ଅଙ୍ଗନବାଡି ଟି ଏକ କ୍ଲବ ଘରେ ଚାଲିଥିବାବେଳେ ସିଆଡିମାଳିର ଏକ ଟିଣ ଛପର ଗୃହରେ ଚାଲିଥିବା କହିଥିଲେ । ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ପଚାରିବାରୁ ବ୍ଲକରେ ମୋଟ ୨୧୯ଟି କେନ୍ଦ୍ର ଥିବାବେଳେ ସେଥି ମଧ୍ୟରୁ ୧୨୯ଟି ର ନିଜସ୍ୱଗୃହ ଅଛି । କିଛି ସ୍ଥାନରେ ଗୃହ ସମ୍ପୂର୍ଣ ହୋଇଥିଲେ ବି ହସ୍ତାନ୍ତର ହୋଇ ନାହିଁ ଓ ଆଉ କିଛି ସ୍ଥାନରେ କାର୍ଯ୍ୟ ଆଧପନ୍ତରିଆ ଭାବେ ପଡ଼ିଥିବାବେଳେ ଆଉ କିଛି ସ୍ଥାନରେ ଅନୁଦାନ ଥିଲେ ବି କାର୍ଯ୍ୟ ହୋଇନଥିବା କହିଥିଲେ ।



### ଲକ୍ଷ୍ମୀ ବସ ମାଡ଼ି ଯିବା ଘଟଣା

# ରଇଲାଙ୍କ ପୁଅ ମୁକୁନ୍ଦର ଆକୁଳ ନିବେଦନ




**ନନ୍ଦପୁର ବ୍ଲକ,(ନି.ପ୍ର) :** ପଡୁଆ ଥାନା ଅନ୍ତର୍ଗତ କିଞ୍ଜରବା ଗାଁ ର ୭୩ ବର୍ଷୀୟା ରଇଲା ପାଙ୍ଗି ଗତ ୧୩ ତାରିଖ ଦିନ ପାଡୁଆ ହାଟ ସାରି ଫେରିବା ସମୟରେ ଲକ୍ଷ୍ମୀ ବସ୍ (ଓଡି ୧୦ ଏକ୍ସ ୨୦୩୬) ର ଚକା ତଳେ ପଡି ନିଜ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ଘଟଣା ସ୍ଥଳରେ ଉପସ୍ଥିତ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ତୁରନ୍ତ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କୁ ନେଇ ଆସିଥିଲେ । ପ୍ରାଥମିକ ଚିକିତ୍ସା ପରେ ଆଘାତ ର ଗମ୍ଭୀରତା ଦେଖି ଅଧିକ ଚିକିତ୍ସା ଲାଗି ରଇଲାଙ୍କୁ ବିଶାଖାପାଟଣା ର ଏକ ଘରୋଇ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଛି । କିନ୍ତୁ ତାଙ୍କ ଚିକିତ୍ସା ରେ ବାଧକ ସାଜିଛି ପଇସା । ଅତି ଗରିବ ପରିବାର ର ଏହି ବୃଦ୍ଧ ମହିଳା ବା ତାଙ୍କ ପରିବାର ବର୍ଗଙ୍କ ପାଖରେ ଏତେ ସମ୍ବଳ ନାହିଁ ତାଙ୍କୁ ଉତ୍ତମ ଚିକିତ୍ସା ଦେଇ ଭଲ କରିବାକୁ । ଦୁର୍ଘଟଣା ରେ ଆଘାତ ପ୍ରାପ୍ତ ତାଙ୍କ ବାମଗୋଡ କାଟି ଦେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି । ହେଲେ ଏଥି ପାଇଁ ଅନେକ ଖର୍ଚ୍ଚ ଲାଗିବ । ବହୁ ପ୍ରୟାସ ପରେ ଆଜି ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ କାର୍ଡକୁ ଏଣ୍ଟ୍ରି କରିଥିଲେ । ସେପଟେ ଲକ୍ଷ୍ମୀ ବସ୍ ଜିଲ୍ଲା ସଂଚାଳକ ଙ୍କ କହିବା କଥା ଯେ ବିମା ରାଶି ଲାଗି ଆମେ ଆବେଦନ କରିଛୁ, ସ୍ୱୀକୃତି ମିଳିଲେ ତାହା ଦିଆଯିବ । କିନ୍ତୁ ରଇଲା ସେପଟେ ଜୀବନ ମୃତ୍ୟୁର ସନ୍ଧିରେ ସଂଘର୍ଷ କରୁଛନ୍ତି । ଏଣୁ ତାଙ୍କ ପୁଅ ମୁକୁନ୍ଦ ସରକାର ଓ ସ୍ଥାନୀୟ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି ଯେ ତାଙ୍କ ପରିସ୍ଥିତିକୁ ଗମ୍ଭୀରତା ର ସହ ଗ୍ରହଣ କରି ତାଙ୍କୁ କିଛି ଆର୍ଥିକ ସହାୟତା କରିବା ହୁଅନ୍ତୁ ଯେପରି ତାଙ୍କ ଚିକିତ୍ସା ଲାଗି ଅର୍ଥ ବାଧକ ନ ସାଜୁ ।

# ବାଇକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତି ଗୁରୁତର ଆହତ



**ନନ୍ଦପୁର,(ନି.ପ୍ର) :** ବ୍ଲକ ଥିବା ପଞ୍ଚାୟତ ଅନ୍ତର୍ଗତ ସାତସେମିଳି ଗାଁ ନିକଟ ରେ ଆଜି ସନ୍ଧ୍ୟା ରେ ବାଇକ ଦୁର୍ଘଟଣା ରେ ଜଣେ ଯୁବକ ଗୁରୁତର ଆହତ ହୋଇ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୁ ସ୍ଥାନାନ୍ତର କରାଯାଇଛି । ଲମତାପୁଟ ବ୍ଲକ ଗୁନେଇପଡ଼ା ଗ୍ରାମ ନିକଟ ବିଜାଗୁଡ଼ା ଗାଁ ର ମଧୁ ଖରା (୨୫) ନନ୍ଦପୁର ବ୍ଲକ ହିକିମପୁଟ ପଞ୍ଚାୟତ ଅନ୍ତର୍ଗତ ବିଲାପୁଟ ଗାଁ ରେ ଥିବା ସମ୍ପର୍କୀୟ ଘରକୁ ଭୋଜି ଖାଇବାକୁ ନିଜ ଆପାଚି୍ବାଇକ ଯୋଗେ ଆସି ଫେରୁଥିବା ବେଳେ ସାତ ସେମିଳି ନିକଟ୍ଲାଣି ଠାରେ ଭାରସାମ୍ୟ ହରାଇ ଦୁର୍ଘଟଣା ର ଶିକାର ହୋଇଥିଲେ । ସଙ୍ଗେ ସଙ୍ଗେ ଗ୍ରାମ ର କିଛି୍ବ୍ୟକ୍ତି ତାଙ୍କୁ ୧୦୮ ଆମ୍ବୁଲାନ୍ସ ଡାକି ତାକୁ ନନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଥିଲେ । ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ଲାଗି ତାକୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୁ ପଠାଇଥିଲେ ।

# ସାମ୍ବାଦିକଙ୍କ ଖୁଡି ବିୟୋଗ




**ସାରଧାପୁର,(ନି.ପ୍ର) :** ଜଗନ୍ନାଥପ୍ରସାଦ ତା. ୦୨/୦୨/୨୦୨୫ ରିଖ ରାତ୍ର ୮.୦୫ ଘଣ୍ଟିକା ସମୟରେ ହାର୍ଟ ଜନିତ ରୋଗରେ ମୃତ୍ୟୁ ବରଣ କଲେ ଓ ସେ ଜଣେ ୮୦ ବର୍ଷର ମହିଳା ଥିଲେ, ନିଷ୍ଠ ଭାସି ମେଳାପୀ ଥିଲେ ଓ ମୁଠୁଁ ବେଳକୁ ତାଙ୍କ ପାଖରେ ତାଙ୍କ ପୁତୁରା, ପୁଅ, ବୋହୁ ଓ ସମସ୍ତ ନାତି, ନାତୁଣୀ ଉପସ୍ଥିତ ଥିଲେ ।

### ବିଧାନ ସଭାରେ ମୂଖ୍ୟମନ୍ତ୍ରୀଙ୍କ ଘୋଷଣା

# ଐତିହ୍ୟ ଗ୍ରାମର ମାନ୍ୟତା ପାଇବ କଣ୍ଟିଲୋ ଖଣ୍ଡପଡାରେ ହେବ ପ୍ଲାନେଟୋରିୟମ୍



**ଭୁବନେଶ୍ୱର,(ନି.ପ୍ର) :** ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ସ୍ମୃତି ଉଦେଶ୍ୟରେ ଖୁବ୍ ଶିଘ୍ର ଏକ ପ୍ଲାନେଟୋରିୟମ୍ ପ୍ରତିଷ୍ଠା ହବାପାଇଁ ମୂଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସୋମବାରେ ବିଧାନ ସଭାରେ ଘୋଷଣା କରିଛନ୍ତି । ଖଣ୍ଡପଡା ବିଧାୟକ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ ଏନେଇ ମୂଖ୍ୟମନ୍ତ୍ରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଆସୁଥିଲେ । ମୂଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ବାସିଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର ହୋଇଛି । ସେହିପରି ନୟାଗଡ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ପ୍ରଭୂ ନିଳମାଧବ ପିଠ କଣ୍ଟିଲୋ ଗ୍ରାମକୁ ରାଜ୍ୟ ସରକାର ଖୁବଶିଘ୍ର ଐତିହ୍ୟ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ନିଷ୍ପତି ନେଇଥିବା ନେଇ ମଧ୍ୟ ମୂଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।ଯାହାକୁ କଣ୍ଟିଲୋ ଓ ଖଣ୍ଡପଡା ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି ।

# କୋଇଡ଼ା ଡିଗ୍ରୀ କଲେଜେରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର




**କୋଇଡ଼ା,(ନି.ପ୍ର) :** ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଡିଗ୍ରୀ ମହାବିଦ୍ୟାଳୟରେ ତା - ୧୮-୦୨-୨୫ ରିଖରେ ଶୁଭ ଉଦଘାଟିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟ ର ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ଶିତିକଣ୍ଠ ଦାସ ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୁକ୍ତ ୨ କଲେଜର ଅଧକ୍ଷ୍ୟ ଶ୍ରୀଯୁକ୍ତ ଧନଞ୍ଜୟ ସାହୁ ଯୋଗ ଦେଇଥିଲେ । ଅଧକ୍ଷ୍ୟ ସମ୍ବିତ କୁମାର ମାହାନ୍ତି ସନ୍ମାନୀୟ ଅତିଥିଭାବେ ଅଂଶଗ୍ରହଣ କରିଥିଲେ । sef Defence club ଗଠନ ସମ୍ପର୍କରେ ବ୍ୟକ୍ତ କରିଥିଲେ । ଏହି କ୍ଲବର କୋଡିନେଟର ଶ୍ରୀମତୀ ଲକ୍ଷ୍ମୀ ରାୟ, ଉପକୋଡିନେଟର ଶ୍ରୀମତୀ ପୁଷ୍ପିତା ସାହୁ, ଆଲମୁନି ମେମ୍ବର ଶ୍ରୀମତୀ ମନସ୍ମିତା ନାଥ,ପ୍ରିୟଙ୍କା କାପୁର ଓ କୁମାରୀ ରଚିତା ଦିବେଦୀ, ଶିକ୍ଷକ ଟ୍ରେନର ଭାବେ ଘନିଷ୍ଠା ନାୟକ ଓ ଲକ୍ଷ୍ମୀ ଟିଡ ଯୋଗ ଦେଇଥିଲେ କ୍ଷ ଏହି ସଭାକୁ ମୁଖ୍ୟ ଅତିଥି ଓ ପ୍ରମୁଖ ଅତିଥି ଗଣ ସମ୍ବୋଦିତ କରିଥିଲେ । ମୁଖ୍ୟ ବକ୍ତାଭାବେ ଶ୍ରୀଯୁକ୍ତ ପ୍ରଦୀପ କୁମାର ପଟନାୟକ (ଇତିହାସ ଅଧାପକ) ଶ୍ରୀଯୁକ୍ତ ସଞ୍ଜୟ ଦାଶ (ଅର୍ଥ ଶାସ୍ତ୍ର ବିଭାଗ) ଆଦି ସମସ୍ତେ ସମ୍ବୋଦିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସରକାରଙ୍କର ନିର୍ଦ୍ଦେଶ କ୍ରମେ ପରିଚାଳିତ ହେଉଛି କ୍ଷ ଏହା ଆସନ୍ତାକାଲି ଠାରୁ ସାତଦିନ ଧରି ଚାଲିବ ।

# ଗ୍ରାମ୍ୟ ଜଳ ଯୋଗାଣ ସମ୍ବନ୍ଧୀୟ ସମନ୍ୱୟ ସମ୍ମିଳନୀ



**ସିନାପାଲି,(ନି.ପ୍ର) :** ନୂଆପଡ଼ା ଜିଲ୍ଲା ସିନାପାଲି ପଞ୍ଚାୟତ ସମିତି ସଭାଗୃହ ଠାରେ ନୂଆପଡା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଗ୍ରାମ୍ୟ ଜଳଯୋଗାଣ ସମ୍ବନ୍ଧୀୟ ମୁଖ୍ୟ ସମସ୍ୟାର ସମାଧାନ ପାଇଁ ଏକ ଦିବସୀୟ ସମନ୍ୱୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଗ୍ରୀଷ୍ମଋତୁ କୁ ଦୃଷ୍ଟିଦେଇ ଲୋକଙ୍କୁ ଯେଭଳି ଜଳଯୋଗଣରେ ଅବହେଳା ନହେଉ । ଲୋକେ ଯେମିତି ଜଳ କଷ୍ଟ ନଭୋଗନ୍ତୁ ,ସେନେଇ ସମ୍ମିଳନୀରେ ବିଶେଷ ଆଲୋଚନା କରାଯାଇଥିଲା । ଗ୍ରାମ୍ୟ ଜଳ ଯୋଗାଣ କ୍ଷେତ୍ରରେ ବିଭାଗୀୟ ଯନ୍ତ୍ରୀ କେଶବ ସାହୁଙ୍କ ଅବହେଳା ତଥା ନିଷ୍କ୍ରିୟତା କୁ ନେଇ ଜନପ୍ରତିନିଧି ମାନେ ଅସନ୍ତୋଷ ପ୍ରକାଶ କରିବା ସହ ସମ୍ପୃକ୍ତ ଯନ୍ତ୍ରୀଙ୍କ ଉପରେ ବର୍ଷିଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମ ରେ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ସାମିଲ ହୋଇଥିଲେ । ନିଜ ନିଜ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଦେଖାଯାଉଥିବା ପାନୀୟଜଳ ଯୋଗାଣ ସମସ୍ୟା ଓ ତାର ଆସୁ ସମାଧାନ ଉପରେ ମତାମତ ରଖିଥିଲେ । ବିଶେଷ କରି ସିନାପାଲି ବ୍ଲକ ପାନୀୟଜଳ ବିଭାଗର କନିଷ୍ଠ ଯନ୍ତ୍ରୀ କେଶବ ସାହୁଙ୍କ ଉପରେ ସମସ୍ତେ ବର୍ଷି ଥିଲେ । କୌଣସି ପାନୀୟଜଳ ସମସ୍ୟାକୁ ନେଇ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ଫୋନ ଗ୍ରହଣ କରୁନାହାନ୍ତି । କିମ୍ବା କୌଣସି ପାନୀୟଜଳ ସମସ୍ୟାର ସମାଧାନ ତତ୍ପରତାର ସହ କରୁ ନଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ । ପାନୀୟଜଳ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବା ବେଳେ ଯନ୍ତ୍ରୀଙ୍କ ବିରୁଦ୍ଧରେ ଏଭଳି ଅଭିଯୋଗକୁ ନେଇ ଜିଲ୍ଲାପାଳ ଯନ୍ତ୍ରୀଙ୍କୁ ତାଗିଦ କରିଥିଲେ । ଉକ୍ତ ସମ୍ମିଳନୀରେ ଜିଲ୍ଲାପାଳଙ୍କ ସମେତ ସିନାପାଲି ବ୍ଲକ ଅଧକ୍ଷା ମାଧୁରୀ ମାଝୀ, ଉପାଧକ୍ଷା ମିନା ଘିଭେଲା, ବିଡ଼ିଓ କାର୍ମୀ ଓରାମ ପ୍ରମୁଖ ଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆରମ୍ଭ ହେଲା +୨ କଳା ଓ ବାଣିଜ୍ୟ ପରୀକ୍ଷା

**ଶେରଗଡ,(ନି.ପ୍ର) :** ଚଳିତ ଶିକ୍ଷା ବର୍ଷର +୨ କଳା ଓ ବାଣିଜ୍ୟ ପରୀକ୍ଷା ଆଜି ଠାରୁ ଆରମ୍ଭ ହୋଇଯାଇଛି । ଚଳିତ ବର୍ଷ ଶେରଗଡ ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳା ବିଭାଗ ରେ ରେଗୁଲାର ରେ ୩୬୦,ଏକ୍ସରେଗୁଲାର ରେ ୨୩ ଜଣ ଛାତ୍ରଛାତ୍ରୀ,ମୋଟ ୩୮୩ ଛାତ୍ରଛାତ୍ରୀ ଫର୍ମ ଫିଲାପ କରିଥିବା ବେଳେ ଆଜି ରେଗୁଲାର ର ୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିବା ବେଳେ ଏକ୍ସରେଗୁଲାର ରେ ସମସ୍ତ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି । ବାଣିଜ୍ୟ ବିଭାଗ ରେ ରେଗୁଲାର ୫୧,ଏକ୍ସରେଗୁଲାର ରେ ୩ ଜଣ ଛାତ୍ରଛାତ୍ରୀ ଏଭଳି ମୋଟ ୫୪ ଜଣ ଛାତ୍ରଛାତ୍ରୀ ଫର୍ମ ଫିଲାପ କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡିଛି । ସେହିପରି ଗତକାଲି ଆରମ୍ଭ ହୋଇଥିବା ବିଜ୍ଞାନ ବିଭାଗ ରେ ଏକ୍ସରେଗୁଲାର ରେ ୮,ରେଗୁଲାର ରେ ୮୦ ଜଣ ଛାତ୍ରଛାତ୍ରୀ ଏଭଳି ମୋଟ ୮୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ଲାଗି ଆବେଦନ କରିଥିବା ବେଳେ ରେଗୁଲାର ର ମାତ୍ର ଜଣେ ଛାତ୍ର ପରୀକ୍ଷା ବେଳେ ଅନୁପସ୍ଥିତ ଥିବା ଜଣାପଡିଛି ।

# ଭାଜପା ପକ୍ଷରୁ ରାୟଗଡ଼ ଜିଲ୍ଲା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




**ରାମନାଗୁଡା,(ନି.ପ୍ର) :** ଭାରତୀୟ ଜନତା ପାର୍ଟିର ରାୟଗଡା ଜିଲ୍ଲା ସଭାପତି ପଦବୀ ନିମନ୍ତେ ଅନେକ ଆଶାୟୀ ମାନେ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।ସେମାନଙ୍କ ମଧ୍ୟରୁ ଏମ. ଗୋପୀ ଆନନ୍ଦ ଙ୍କୁ ଜିଲ୍ଲା ସଭାପତି ଭାବେ ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଚୟନ କରି ରାୟଗଡା ଜିଲ୍ଲା ଭାରତୀୟ ଜନତା ପାର୍ଟି ପାଇଁ ଗୁରୁ ଦାଇତ୍ୱ ପ୍ରଦାନ କରିଥିଲେ ।ରାଜ୍ୟ ନିର୍ବାଚନ ଅଧିକାରୀ ଙ୍କ ଏହି ପଦବୀ ଘୋଷଣା ପରେ ଜିଲ୍ଲା ସଭାପତି ଶ୍ରୀ ଆନନ୍ଦ ପ୍ରଥମେ ଜିଲ୍ଲାର କର୍ମକର୍ତ୍ତାଙ୍କ ସହ ଶ୍ରୀକ୍ଷେତ୍ର ଧାମରେ ପହଞ୍ଚି ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରି ରାୟଗଡା ଅଭିମୁଖେ ଯାତ୍ରା ସମୟରେ ରାୟଗଡା ଜିଲ୍ଲା ରାମନଗୁଡ଼ା ଭାରତୀୟ ଜନତା ପାର୍ଟି ତରଫରୁ ଉପଢୌକନ ପ୍ରଦାନ ସହ ଫୁଲତୋଡା ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।ଏହି ସମୟରେ ଶିବ ଶଙ୍କର ଉଲ୍ଲାକା, ହରେକୃଷ୍ଣ ପାଢ଼ୀ, ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ,ଭାସ୍କର ପଣ୍ଡା,ଦେବାଶିଷ ପଣ୍ଡା,ନବୀନ, ତରୁଣ, ବରିଷ୍ଠ ନେତା ଚିନା କଣ୍ଡାଗରୀ, ମଣ୍ଡଳ ସଭାପତି ଶ୍ରୀନିବାସ ପଣ୍ଡା, ମଣ୍ଡଳ ପ୍ରତିନିଧି ଶିବ ପ୍ରସାଦ ବ୍ରହ୍ମା ବନମାଳୀ ଗମାଙ୍ଗ,ନରସିଂହ ମାଣ୍ଡାଙ୍ଗି,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ମୁଟିକା, ଜୟା ବିଡ଼ିକା, ସୁଣ୍ଡିଧାମୁଣି ସରପଞ୍ଚ ଭାସ୍କର କାଡ୍ରାକା, ରଘୁନାଥ କଣ୍ଡାଗରୀ,ରଘୁନାଥ ସାମଲ, ଶକ୍ତି ପ୍ରସାଦ ପାତ୍ର, ଆଶିଷ କୁମାର ବେହେରା, ସଞ୍ଜୀବ କୁମାର ଦାଶ, ଅମିତ କୁମାର ସାହୁ, ବସନ୍ତ ଉଲ୍ଲାକା,ସୁଧୀର ମିଶାଲ, ପ୍ରତାପ ହୁଇକା,ତେଜସ୍ୱର ମୁଟିକା, ଗଙ୍ଗାଧର ମାଣ୍ଡାଙ୍ଗି, ପେଦିନା ସୀତାରାମ,ଡମ୍ବୁରୁ ମାଣ୍ଡାଙ୍ଗି,ମୁକୁନା କାଡ୍ରାକା, ହରି ତାଡିଙ୍ଗି, ତୁମ୍ଭେସୁ ମାଣ୍ଡାଙ୍ଗି, ପବିତ୍ର ଆଚାରୀ,ଦୁଃସାସନ ମାଣ୍ଡାଙ୍ଗି,ପପୁନୁ ରନ୍ାଲୁ, ଆକାଶ ମହାକୁଡ଼ଙ୍କ ସମେତ ସମସ୍ତ ଦଳୀୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଥିଲେ ।

# ନୀଳଜି ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ନବ ଉନ୍ମେଷ' ଅନୁଷ୍ଠିତ



**ସିନାପାଲ,(ନି.ପ୍ର) :** ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୀଳଜିଠାରେ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ନବ ଉନ୍ମେଷ 'ଅନୁଷ୍ଠିତ ହୋଇଯାଇଛି । ସିନାପାଲି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ସେଠ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସବର ଶୁଭ ଉଦଘାଟନ କରିବା ସହ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କର ପ୍ରତିଭାର ପ୍ରତିଫଳନ 'ଅରୁଣିମା 'ପ୍ରାଚୀର ପ୍ରତିକାର ଶୁଭ ଉନ୍ମୋଚନ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସତ୍ୟବ୍ରତ ଗହୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାକାର୍ଯ୍ୟ ରେ ମୁଖ୍ୟ ବକ୍ତାଭାବରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରଦୀପ କୁମାର ପଣ୍ଡା ଯୋଗଦେଇଥିଲେ । ବିଶିଷ୍ଟ ଅତିଥିଭାବରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଘନଶ୍ୟାମ ପଣ୍ଡା,ଅବସର ପ୍ରାପ୍ତ ପ୍ରଥମ ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ବାଳକ ରାମ ମେହେର,ଦ୍ୱିତୀୟ ଅବସର ପ୍ରାପ୍ତ ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ମହେଶ୍ୱର ସା,ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଗ୍ରାମ ପଂଚାୟତର ସରପଞ୍ଚ ଶ୍ରୀଯୁକ୍ତ ଲକ୍ଷ୍ମଣ ପ୍ରଧାନ, ସି ଆର ସି ସି ଶ୍ରୀଯୁକ୍ତ ରାକେଶ କୁମାର ମିଶ୍ର, ସନ୍ୟାସୀ ରବୀନ୍ଦ୍ର ଦାସ ବାବା,ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ଶଙ୍କର ନିଆଲ,ନୀଳଜି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପିତାମ୍ବର ଟୋଲଟିଆ, ବିଶିଷ୍ଟ କଳାକାର ଶ୍ରୀଯୁକ୍ତ ବିକ୍ରମାଦିତ୍ୟ ବାଗ,ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ସେବକ ରାମ ପାତ୍ର ଯୋଗ ଦେଇଥିଲେ । ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ଧୀରେନ୍ଦ୍ର କୁମାର ସା ଅତିଥି ମାନଙ୍କୁ ମଞ୍ଚକୁ ସ୍ୱାଗତ କରିବାସହ ପରିଚୟ ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀ ଓ ସହକାରୀ ଶିକ୍ଷକ ଗଣ ଅତିଥିମାନଙ୍କୁ ଫୁଲଚନ୍ଦନ ଓ ଓପ ଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଅତିଥିଗଣ ଦ୍ୱାରା ଦେବପୁଜନ ହେଲାପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।ପୁରାତନ ଛାତ୍ର ତଥା ଶିକ୍ଷକ ଶ୍ରୀଯୁକ୍ତ ଦୀପକ କୁମାର ସାଙ୍କ ନିର୍ଦ୍ଦେଶନା ରେ ଛାତ୍ରୀଗଣ ସୁ ଲଳିତ କଣ୍ଠରେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ସଭାପତି ଶ୍ରୀଯୁକ୍ତ ଗହୀରଙ୍କ ଉଦ୍ୟେଶ ଜ୍ଞାପନ ପରେ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ସେବକ ରାମ ପାତ୍ର ବିବରଣୀ ପଠନ କରିଥିଲେ । ପୂଜ୍ୟ ପୂଜା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ,ବିଶିଷ୍ଟ ଅତିଥି ଭାବରେ ଯୋଗଦାନ କରିଥିବା ବିଦ୍ୟାଳୟର ଆରମ୍ଭ ରୁ ଶିକ୍ଷା ଦାନ କରି ଅବସର ପ୍ରାପ୍ତ ଗୁରୁ ତ୍ରୟ ଯଥା ମାନନୀୟ ଶ୍ରୀଯୁକ୍ତ ଘନଶ୍ୟାମ ପଣ୍ଡା,ଶ୍ରୀଯୁକ୍ତ ବାଳକ ରାମ ମେହେର,ଶ୍ରୀଯୁକ୍ତ ମହେଶ୍ୱର ସାଙ୍କୁ ଫୁଲମାଳ ଅର୍ପଣ କରିବା ସହ ଫୁଲ ଚନ୍ଦନ, ଉପଢୌକନ ଓ ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ଭଲ ପାଠ ପଢି ଉତ୍ତମ ନାଗରିକ ହେବାପାଇଁ ଅତିଥିଗଣ ନିଜ ବକ୍ତବ୍ୟ ରେ ପ୍ରେରଣା ପ୍ରଦାନ କରିଥିଲେ । ଏହା ପରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଧୀରେନ୍ଦ୍ର କୁମାର ସାଙ୍କ ସଂଯୋଜନାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଶେଷରେ ସହ ଶିକ୍ଷକ ଶ୍ରୀଯୁକ୍ତ ପରମାନନ୍ଦ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଉତ୍ସବ ରେ ଶ୍ରୀଯୁକ୍ତ ଜଗନ୍ନାଥ ସୁନାନୀ ସହକାରୀ ଶିକ୍ଷକ ଓ ପରିଚାଳନା କମିଟିର ସଭ୍ୟ ସଭ୍ୟା ବିଶେଷ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଅଭିଭାବକ, ଅଭିଭାବିକା ତଥା ଗ୍ରାମର ପ୍ରାୟ ପାଞ୍ଚସହ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ । ପୂର୍ବାହ୍ନ ରେ ବିଦ୍ୟାଳୟର ଶ୍ରେଣୀ କକ୍ଷରେ 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଚାମ୍ପିଅନ୍ସ ଟ୍ରଫି-୨୦୨୫

# ପ୍ରଥମ ମ୍ୟାଚ୍‌ରେ ହାରିଲା ଆୟୋଜକ ପାକିସ୍ତାନ୍



**କରାଚୀ,୧୯।୨ :** ପାକିସ୍ତାନର କରାଚୀସ୍ଥିତ ନ୍ୟାସନାଲ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ଆୟୋଜିତ ଚାମ୍ପିଅନ୍ସ ଟ୍ରଫି-୨୦୨୫ର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଶକ୍ତି ପ୍ରଦର୍ଶନ କରି ଆୟୋଜକ ପାକିସ୍ତାନକୁ ଚିତ୍‌ପଟାଙ୍ଗ୍ କରିଛି। ୩୨୧ ରନ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଘରୋଇ ଦଳ ୪୭.୨ ଓଭରରେ ଅଲ୍‌ଆଉଟ ହୋଇଛନ୍ତି। ପାକିସ୍ତାନ ଦଳ ୨୬୦ ରନ୍ ସଂଗ୍ରହ କରିବା ସହିତ ଏହି ମ୍ୟାଚ୍‌ରେ ୬୦ ରନ୍‌ରେ ହାରିଯାଇଛି। ପାକିସ୍ତାନ ତରଫରୁ ସୌଦ ସକିଲ ୬ରନ୍, ବାବର ଆଜମ ୬୪ ରନ୍, ଅଧିନାୟକ ମହମ୍ମଦ ରିଜୱାନ ୩ ରନ୍, ଫକର ଜମାନ ୨୪ ରନ୍, ସଲମାନ ଆଘା ୪୨ ରନ୍, ତୟାବ ତାହିର ୧ ରନ୍ ସଂଗ୍ରହ କରିଥିଲେ। ଖୁସଦିଲ୍ ଶାହ ୬୯ ରନ୍, ସାହିନ ସାହ ଆଫ୍ରିଦି ୧୪ ରନ୍, ନସିମ ଶାହ ୧୩ ରନ୍ ଓ ହାରିସ ରୌଫ୍ ୧ ରନ୍ ସଂଗ୍ରହ କରିଥିଲେ। ଅନ୍ୟପଟରେ ନ୍ୟୁଜିଲାଣ୍ଡ ତରଫରୁ ୱିଲ୍ ଓ'ରୁର୍କେ ଓ ଅଧିନାୟକ ମିଚେଲ ସାଣ୍ଟନର ୩-୩ ୱିକେଟ୍ ନେଇଥିଲେ। ମାଟ୍ ହେନରିଙ୍କ ହାତରେ ୨ ଜଣ ଖେଳାଳି ଆଟଉ୍ ହୋଇଥିଲା ବେଳେ ମାଇକେଲ ବ୍ରେସ୍‌ୱେଲ ଓ ନାଥନ ସ୍ମିଥ୍‌ଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା। ଘରୋଇ ଦଳ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଲା ପରେ ନ୍ୟୁଜିଲାଣ୍ଡ ବ୍ୟାଟିଂ କରିଥିଲା। କିୱି ଦଳ ନିର୍ଦ୍ଧାରିତ ୫୦ ଓଭରରେ ୫ୱିକେଟ୍ ହରାଇ ୩୨୦ ରନ୍ ସଂଗ୍ରହ କରିଥିଲା।

ଆରମ୍ଭରୁ ନ୍ୟୁଜିଲାଣ୍ଡକୁ ଦୁଇଟି ବଡ଼ ଝଟକା ଲାଗିଥିଲେ ବି ପରବର୍ତ୍ତୀ ସମୟରେ ଦଳର ପ୍ରାରମ୍ଭିକ ବ୍ୟାଟର ୱିଲ୍ ୟଙ୍ଗ୍ (୧୦୭ ରନ୍, ୧୧୩ ବଲ୍, ୧୨ ଚୌକା ଓ ୧ ଛକା) ଓ ମଧ୍ୟକ୍ରମର ବ୍ୟାଟର ଟମ୍ ଲାଥମ ଉପସ୍ଥିତ ବୁଦ୍ଧି ଲଗାଇ ଦଳର ସ୍କୋର ଆଗକୁ ବଢ଼ାଇଥିଲେ। ଉଭୟ ଖେଳାଳି ଚତୁର୍ଥ ୱିକେଟ୍ ପାଇଁ ଶତକୀୟ ଭାଗିଦାରୀ (୧୧୮ ରନ୍) କରିପାରିଥିଲେ। ଏଥି ସହିତ ୱିଲ୍ ୟଙ୍ଗ ନିଜେ ବ୍ୟକ୍ତିଗତ ଭାବେ ଶତକ ହାସଲ କରିଥିବା ବେଳେ ଟମ୍ ଲାଥମ ମଧ୍ୟ ଶତକ (୧୧୮ ରନ୍, ୧୦୪ ବଲ୍, ୧୦ ଚୌକା ଓ ୩ଛକା) ମାରିଥିଲେ। ଗ୍ଲେନ୍ ଫିଲିପ୍ସ ୬୧ ରନ୍ ସଂଗ୍ରହ କରି ପାକିସ୍ତାନର ପଞ୍ଚମ ଶିକାର ହୋଇଥିଲେ। ସେ ୩୯ଟି ବଲ୍ ଖେଳି ୩ଟି ଚୌକା ଓ ୪ଟି ଛକା ମାରିଥିଲେ।

# କରାଚୀ ଛାତିରେ ଉଡିଲା ତ୍ରିରଙ୍ଗା



**ପାକିସ୍ତାନକୁ ପୁଣି ଥରେ ଭାରତ ସମ୍ମୁଖରେ ମୁଣ୍ଡ ନୁଆଁଇବାକୁ ପଡିଛି**

**ନୂଆଦିଲ୍ଲୀ,୧୯।୨:** ଶେଷରେ ପାକିସ୍ତାନକୁ ପୁଣି ଥରେ ଭାରତ ସମ୍ମୁଖରେ ମୁଣ୍ଡ ନୁଆଁଇବାକୁ ପଡିଛି। ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବା ପୂର୍ବରୁ, ପାକିସ୍ତାନର କରାଚୀ-ଲାହୋର ଷ୍ଟାଡିୟମର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ଯେଉଁଥିରେ ଦେଖାଯାଇଥିଲା ଯେ ଏହି ଓଉଉ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳର ପତାକା ଷ୍ଟାଡିୟମର ଛାତ ଉପରେ ଉଡୁଥିବା ବେଳେ ସେଠାରେ ଭାରତୀୟ ତ୍ରିରଙ୍ଗା ଗାଏବ ଥିଲା। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ମାତ୍ରେ ସାରା ବିଶ୍ୱରେ ପାକିସ୍ତାନକୁ ନିନ୍ଦା କରାଯାଇଥିଲା। ଏହି ଘଟଣା ପରେ, ପାକିସ୍ତାନ କ୍ରିକେଟ୍ ବୋର୍ଡ କହିଥିଲା ଯେ ଏସବୁ ଓଉଉର ନିର୍ଦ୍ଦେଶରେ ଘଟୁଛି। କିନ୍ତୁ ଏବେ ପାକିସ୍ତାନର କରାଚୀ ଷ୍ଟାଡିୟମରେ କିମ୍ବା ପାକିସ୍ତାନର ଛାତିରେ ତ୍ରିରଙ୍ଗା ପତାକା ଉଡ଼ାଯାଇଛି। ତେବେ ଏହି ଖବର ଚାମ୍ପିୟନ୍ସ ଟ୍ରଫି ଆୟୋଜନ ସହିତ ଜଡିତ ରହିଛି। ୨୩ ବର୍ଷ ପରେ ପାକିସ୍ତାନକୁ କୌଣସି ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ସୁଯୋଗ ମିଳିଛି। ଯାହା ଆଧାରରେ ଚାମ୍ପିୟନ୍ସ ଟ୍ରଫିର ସମସ୍ତ ମ୍ୟାଚ୍ ଆୟୋଜନର ଅଧିକାର ପାକିସ୍ତାନକୁ ମିଳିଛି। କିନ୍ତୁ ବିସିସିଆଇ ସୀମା ଏବଂ ସୁରକ୍ଷା କାରଣରୁ ଟିମ୍ ଇଣ୍ଡିଆକୁ ପାକିସ୍ତାନ ପଠାଇବାକୁ ମନା କରିଦେଇଥିଲା। ଏହାପରେ ପିସିବିର ଇଚ୍ଛା ନ ଥାଇ ମଧ୍ୟ ଟୁର୍ଣ୍ଣାମେଣ୍ଟକୁ ହାଇବ୍ରିଡ ମଡେଲରେ ଆୟୋଜନ କରିବାକୁ ପଡିଥିଲା। ଯାହାଦ୍ୱାରା ଭାରତ ଏହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ।

### ଜାତୀୟ ଫେଡେରେସନ କପ୍ ଟେନିସ ବଲ୍ କ୍ରିକେଟ

# ଓଡ଼ିଶା ଦଳର ତାମିଲନାଡୁ ଯାତ୍ରା



**ଭୁବନେଶ୍ୱର,୧୯।୨ :** ଆସନ୍ତା ଫେବୃଆରୀ ୨୧ ତାରିଖ ଠାରୁ ଆରମ୍ଭ କରି ୨୩ ତାରିଖ ୨୦୨୫ ପର୍ଯ୍ୟନ୍ତ ତାମିଲନାଡୁରେ ଆୟୋଜିତ ହେବାକୁ ଥିବା ୩୨ ତମ ଜାତୀୟ ଫେଡେରେସନ କପ ଟେନିସ ବଲ କ୍ରିକେଟ ଚାମ୍ପିଅନସିପ ପାଇଁ ଓଡିଶା ଦଳ ଆଜି ତାମିଲନାଡୁ ଅଭିମୁଖେ ଯାତ୍ରା କରିଛନ୍ତି । ଓଡିଶା ଟେନିସ ବଲ କ୍ରିକେଟ ସଙ୍ଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, କୋଷାଧକ୍ଷ ଅଶୋକ ଦାସ, ଭୁବନେଶ୍ୱର ସଙ୍ଘର ସମ୍ପାଦକ ପଙ୍କଜ ଦାସ ଏବଂ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ମୁଖ୍ୟ କୋଚ୍ ଚକ୍ରଧର ମାଝୀ ଓଡିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ଓଡିଶା ଦଳ - ଅମ୍ରିତ କୁମାର ଦାସ (ମୟୁରଭଞ୍ଜ ), ପ୍ରିତମ କୁମାର ପ୍ରଧାନ (କନ୍ଧମାଳ ),ବିକାଶ କୁମାର ବାଛା (ବଲାଙ୍ଗୀର ), ରାଜ ସୌରଭ ପରିଡା (ଖୋର୍ଦ୍ଧା ),ରାଜା ବିଷୋୟୀ (ଗଞ୍ଜାମ ), ଉପେନ୍ଦ୍ର କୁମାର କହ୍ନର (କନ୍ଧମାଳ ), ସୁଦାମ ବେହେରା (ବୌଦ୍ଧ ), ଶରତ କୁମାର କହ୍ନର (ଫୁଲବାଣୀ ), ଭେଙ୍କଟେଶ କୁମାର(କଳାହାଣ୍ଡି ), ଜଗନ୍ନାଥ କହ୍ନର (କନ୍ଧମାଳ ), ପିନା ନାଥ (ଭୁବନେଶ୍ୱର ), ମିର ସାଜିଦ ଆଲ୍ଲୀ (ଖୋର୍ଦ୍ଧା ), ଅଭିତେଶ ପଣ୍ଡା (ଭୁବନେଶ୍ୱର ), ରାଜ ୟାଥାର୍ଥ ପରିଡା (ଖୋର୍ଦ୍ଧା ), ସୁନୀଲ କୁମାର ମହାରଣା (କୋଚ, ମ୍ୟାନେଜର )

### ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଇଟାମାଟି ୫-୩ ଟାଇ ବ୍ରେକର ଗୋଲରେ ବିଜୟୀ



**ଭାପୁର,୧୯।୨ :** ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆଁ ଖେଳ ପଡିଆରେ ୟୁଥ୍ ସ୍ପୋର୍ଟସ କ୍ଲବ ପକ୍ଷରୁ ଚାଲିଥିବା ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଲିଗ୍ ମ୍ୟାଚ ଯଦୁମଣି ଫୁଟବଲ ଟିମ୍ ଇଟାମାଟି ଓ ଖଣ୍ଡପଡ଼ା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ସଂଘର୍ଷ ପୂର୍ଣ୍ଣ ହୋଇଥିଲେ ମଧ କେହି କାହାକୁ ଗୋଲ ଦେବାରେ ସକ୍ଷମ ହୋଇ ନଥିଲେ। ଫଳରେ ଟ୍ରାଇ ବ୍ରେକର ର ସହାୟତା ନିଆ ଯାଇଥିଲା। କିନ୍ତୁ, ଟାଇ ବ୍ରେକରେ ଯଦୁମଣି ଫୁଟବଲ ଟିମ୍ ଇଟାମାଟି ୫-୩ ଗୋଲରେ ଖଣ୍ଡପଡ଼ା ଫୁଟବଲ କ୍ଲବକୁ ପରାସ୍ତ କରି ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳକୁ ରେଫରୀ ପ୍ରସନ୍ନ କୁମାର ନାୟକ ପରିଚାଳନା କରିଥିବା ବେଳେ ସୁବାଷ ବେହେରା ଓ ସଦାଶିବ ନାୟକ ଲାଇନରେ ସହାୟତା କରିଥିଲେ। ୪ର୍ଥ ରେଫରୀ ଭାବେ କାହ୍ନୁ ଚରଣ ମହାରଣା ଦାୟିତ୍ୱ ନିର୍ବାହ କରିଥିବା ବେଳେ ସୁରେନ୍ଦ୍ର କୁମାର ନନ୍ଦ ଖେଳରେ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଶାଳପଡା ସରପଞ୍ଚ ସନ୍ତୋଷ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବଡସହରା ସରପଞ୍ଚ ବ୍ରଜକିଶୋର ଆଲୁକ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ନାରାୟଣ ମହାରଣା, ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା କାଲି ଅନ୍ତିମ ଲିଗ୍ ମ୍ୟାଚ୍ କେରଙ୍ଗ ଫୁଟବଲ ଟିମ୍ ଓ ୟୁଥ୍ ସ୍ପୋର୍ଟସ କ୍ଲବ ବାଇଗୁଣିଆଁ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୁଚନା ଦିଆଯାଇଛି। ହାଜର ହଜାର ଦର୍ଶକ ଆଜିର ଖେଳକୁ ଉପଭୋଗ କରିଥିଲେ।

# ମହମ୍ମଦ କୈଫଙ୍କ WhatsApp ଆକାଉଣ୍ଟ ହ୍ୟାକ୍



**ନୂଆଦିଲ୍ଲୀ,୧୯।୨:** ଟିମ ଇଣ୍ଡିଆର ପୂର୍ବତନ ଖେଳାଳି ମହମ୍ମଦ କୈଫ ବଡ଼ ଅଡୁଆରେ ଫସି ଯାଇଛନ୍ତି। ତାଙ୍କର WhatsApp ଆକାଉଣ୍ଟ ହ୍ୟାକ୍ ହୋଇଯାଇଛି। ସେ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ପ୍ରଶଂସକମାନଙ୍କୁ ଏହି ସୂଚନା ଦେଇଛନ୍ତି। ଏହା ବ୍ୟତୀତ ସେ ଏକ ଅପିଲ ମଧ୍ୟ କରିଛନ୍ତି। ମହମ୍ମଦ କୈଫ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି, 'ନମସ୍କାର, ମୋର ଡଷବଷ୍ପଷ୍ପଇକ୍କ୍ତ୍ର ହ୍ୟାକ୍ ହୋଇଯାଇଛି।' ଆପଣଙ୍କୁ ଅନୁରୋଧ କରୁଛି ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ସୂଚନା ଶେୟାର କରନ୍ତୁ ନାହିଁ ଏବଂ କାହାକୁ ବିଶ୍ୱାସ କରନ୍ତୁ ନାହିଁ। ମୋ WhatsApp ରୁ ଭୁଲ ସୂଚନା ଯାଉଛି। ଧନ୍ୟବାଦ।'

ପ୍ରତିଦିନ କୋଟି କୋଟି ବ୍ୟବହାରକାରୀ ଏହି ଆପ୍‌ରେ ସକ୍ରିୟ ରହୁଛନ୍ତି। ଏହି କାରଣରୁ ହ୍ୟାକର୍ସମାନେ ଏହି ଆପକୁ ନିଜର ନୂଆ ଠିକଣା କରିନେଇଛନ୍ତି। ତେବେ ଏହା ପ୍ରଥମ ଥର ନୁହେଁ, ଏହା ପୂର୍ବରୁ ମଧ ଅନେକ ବଡ଼ ଖେଳାଳିଙ୍କୁ ଏପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି। କିନ୍ତୁ ଏଥର ମହମ୍ମଦ କୈଫ ଅସୁବିଧାରେ ପଡ଼ିଛନ୍ତି।

# ଅଭ୍ୟାସ ବେଳେ ବେକରେ ପଡିଗଲା ୨୭୦ କେଜି ରଡ୍ ମହିଳା ପାୱାର ଲିଫ୍ଟରଙ୍କ ମୃତ୍ୟୁ

**ରାଜସ୍ଥାନ,୧୯।୨ :** ରାଜସ୍ଥାନର ବିକାନେର ଜିଲ୍ଲାରେ ଅଭ୍ୟାସ ବେଳେ ୨୭୦ କେଜି ଓଜନର ରଡ୍ ପଡ଼ି ଜଣେ ସ୍ୱର୍ଣ୍ଣ ପଦକ ବିଜେତା ମହିଳା ପାୱାର ଲିଫ୍ଟରଙ୍କ ମୃତ୍ୟୁ ଘଟିଛି। ଜିମରେ ଅଭ୍ୟାସ କରୁଥିବା ବେଳେ ମହିଳା ପାୱାରଲିଫ୍ଟର ୟଶ୍‌ତିକା ଆଚାର୍ଯ୍ୟ (୧୭)ଙ୍କ ମୃତ୍ୟୁ ଘଟିଛି। ନୟା ସାହିର ଏସ୍‌ଏଚ୍‌ଓ ବିକ୍ରମ ତିୱାରୀ କହିଛନ୍ତି ଯେ ସ୍ୱର୍ଣ୍ଣ ପଦକ ବିଜେତା ଖେଳାଳିଙ୍କ ବେକ ଭାଙ୍ଗି ଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ ତାଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀ ତିୱାରୀ କହିଛନ୍ତି ଯେ ପ୍ରଶିକ୍ଷକ ୟଶ୍‌ତିକାଙ୍କୁ ଜିମରେ ଓଜନ ଉଠାଇବାକୁ ବାଧ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ପ୍ରଶିକ୍ଷକ ମଧ ସାମାନ୍ୟ ଆହତ ହୋଇଛନ୍ତି। ଏସଏଚ୍‌ଓ କହିଛନ୍ତି ଯେ ପରିବାର ଲୋକ ଏ ସଂକ୍ରାନ୍ତରେ କୌଣସି ମାମଲା ରୁଜୁ କରିନାହାଁନ୍ତି। ଶବ ବ୍ୟବଚ୍ଛେଦ ପରେ ଆଜି (ବୁଧବାର) ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସିଦ୍ଧରମୈୟାଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି



**ବେଙ୍ଗାଲୁରୁ,୧୯।୨:** ଗଟଉଇ ମାମଲାରେ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ତାଙ୍କ ପରିବାରକୁ ବଡ଼ ଆଶ୍ୱସ୍ତି ମିଳିଛି। ଲୋକାୟୁକ୍ତ ପୋଲିସ କହିଛି ଯେ ଏହି ମାମଲାରେ ସିଦ୍ଧରମୈୟା, ତାଙ୍କ ପତ୍ନୀ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ମିଳିନାହିଁ। ଲୋକାୟୁକ୍ତ ପୋଲିସର କହିବା ଅନୁଯାୟୀ, ମାମଲାରେ ପ୍ରମାଣର ବହୁତ ଅଭାବ ରହିଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ମିଳିନାହିଁ। ସୂତ୍ର ଅନୁଯାୟୀ, ସମନ ପାଇବା ପରେ ସିଦ୍ଧରମୈୟା ଲୋକାୟୁକ୍ତ ପୋଲିସ ନିକଟରେ ହାଜର ହୋଇଥିଲେ, ଯେଉଁଠାରେ ଲୋକାୟୁକ୍ତ ପୋଲିସ ମୁଖ୍ୟମନ୍ତ୍ରୀଙ୍କୁ ପ୍ରାୟ ୨ ଘଣ୍ଟା ଧରି ପଚରାଉଚରା କରିଥିଲା। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଥିଲେ, 'ମୁଁ ଲୋକାୟୁକ୍ତ ପୋଲିସକୁ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛି ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ସତ୍ୟ କହିସାରିଛି।' ଯେପର୍ଯ୍ୟନ୍ତ କୋର୍ଟରୁ କୌଣସି ନିଷ୍ପତ୍ତି ନଆସିଛି, ମୁଁ ନିର୍ଦ୍ଦୋଷ। ମୋ ବିରୁଦ୍ଧରେ କରାଯାଇଥିବା ସମସ୍ତ ଅଭିଯୋଗ ମିଥ୍ୟା। ଏହି ବିଷୟରେ କର୍ନାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି, 'ସେ କୌଣସି ଭୁଲ କରିନାହାଁନ୍ତି।' ଏହା ସତ୍ତ୍ୱେ, ଆଇନକୁ ସମ୍ମାନ ଜଣାଇ, ସେ ଲୋକାୟୁକ୍ତ ପୋଲିସ ସମ୍ମୁଖରେ ହାଜର ହୋଇଥିଲେ।

# ରାଜନୀତିରେ ମହାକୁମ୍ଭ: ଶାସକ-ବିରୋଧୀ ମୁହାଁମୁହିଁ



**ପ୍ରୟାଗରାଜ,୧୯।୨ :** ମହାକୁମ୍ଭରେ ଗୋଟିଏ ପରେ ଗୋଟିଏ ଅଘଟଣ ଘଟୁଛି । କେବେ ଦଳାଚକଟା ତ ପୁଣି କେବେ ଅଗ୍ନିକାଣ୍ଡ । ଆଉ କେବେ ପ୍ରୟାଗରାଜରେ ପହଁଚିବା ପୂର୍ବରୁ ଷ୍ଟେସନରେ ଚାଲିଯାଇଛି ଶ୍ରଦ୍ଧାଳୁଙ୍କ ଜୀବନ । ଲଗାତାର ଘଟୁଥିବା ଗୋଟିଏ ପରେ ଗୋଟିଏ ଅଘଟଣକୁ ନେଇ ଉତ୍ତରପ୍ରଦେଶ ସରକାରଙ୍କୁ ଦାୟୀ କରି ଆସୁଛନ୍ତି ବିରୋଧୀ । ଆଜି ଏହାର ଜବାବ ଦେଇ ସମାଲୋଚକଙ୍କ ମୁହଁ ଚୁପ କରିଛନ୍ତି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ଆସ୍ଥାର କାର୍ଯ୍ୟକ୍ରମକୁ ବଦନାମ କରିବା ଏକ ତୁଚ୍ଛ ରାଜନୀତି ବୋଲି କହିଛନ୍ତି ଯୋଗୀ । ଅନ୍ୟପଟେ ତ୍ରିବେଣୀ ସଙ୍ଗମ ଜଳ ପ୍ରଦୂଷିତ ହେଉଥିବା, ବ୍ୟାକ୍ଟେରିଆର ବଢୁଥିବା ନେଇ ଯେଉଁ ରିପୋର୍ଟ ଦେଇଛି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତାକୁ ଖାରଜ କରିଛନ୍ତି ଉତ୍ତରପ୍ରଦେଶ ସରକାର । ଏପରିକି ଆଜି ଗୃହରେ ଟେଷ୍ଟ ରିପୋର୍ଟ ଉପସ୍ଥାପନ କରିଛନ୍ତି । ମହାକୁମ୍ଭ ପରି ବିଶାଳ ଓ ଭବ୍ୟ ଆୟୋଜନ ପୂର୍ବ ସରକାର କେବେ ବି କରିନଥିଲେ କିନ୍ତୁ ବିଜେପି ସରକାର ସଫଳତାର ସହ ଆୟୋଜନ କରିବାକୁ ନେଇ ବିରୋଧୀ ଈର୍ଷାନିତ୍ୱ ହେଉଥିବା କହିଛନ୍ତି ଯୋଗୀ ।ସେପଟେ ୟୁପି ସରକାର ନିଜ ବିଫଳତା ଲୁଚାଉଥିବା କହି ଟାର୍ଗେଟ କରିଛନ୍ତି ସପା ଓ ଟିଏମସି । ଜାନୁଆରୀ ୧୩ରୁ ଆରମ୍ଭ ହୋଇଥିବା ମହାକୁମ୍ଭ ଫେବୃୟାରୀ ୨୬ରେ ଶେଷ ହେବ । ଏହାରି ଭିତରେ ଭିଭିଆଇପି ବ୍ୟକ୍ତିବିଶେଷଙ୍କ ସହ ବିରୋଧୀ ଦଳ ନେତାମାନେ ପହଁଚି ତ୍ରିବେଣୀ ସଙ୍ଗମରେ ବୁଡ ପକାଉଛନ୍ତି । ତେବେ ଅଘଟଣକୁ ପ୍ରସଙ୍ଗ କରି ଯୋଗୀ ସରକାରଙ୍କୁ ଟାର୍ଗେଟ କରିବାକୁ କୌଣସି ଗୋଟିଏ ବି ମୌକା ହାତ ଛଡା କରୁନାହାଁନ୍ତି ବିରୋଧୀ।

# ଫୁଟବଲ୍ ମ୍ୟାଚ୍ ଭିତରେ ଅଘଟଣ; ବାଣ ଫୁଟିବା ବେଳେ ପଡ଼ିଆରେ ବ୍ୟାପିଲା ନିଆଁ, ୫୦ ଆହତ





**ଥିରୁଭନନ୍ତପୁରମ,୧୯।୨ :** ମଙ୍ଗଳବାର ରାତିରେ କେରଳରେ ଏକ ବଡ଼ ଦୁର୍ଘଟଣା ଘଟିଛି। ମାଲାପ୍ପୁରମ ଜିଲ୍ଲାର ଆରିକୋଡ ସହରରେ ଏକ ଫୁଟବଲ୍ ମ୍ୟାଚ୍ ସମୟରେ ଅଗ୍ନିକାଣ୍ଡ ଯୋଗୁ ୫୦ ରୁ ଅଧିକ ଦର୍ଶକ ପୋଡ଼ି ଯାଇଛନ୍ତି। ମ୍ୟାଚ୍ ଆରମ୍ଭ ହେବାର ଠିକ୍ ପୂର୍ବରୁ ଏହି ଘଟଣା ଘଟିଥିଲା। ସୂଚନାଥାଉକି, ମ୍ୟାଚ୍ ପୂର୍ବରୁ ଆୟୋଜକମାନେ ସେଠାରେ ଏକ ବଡ଼ ବାଣଫୁଟା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଠିକ୍ ଏହି ସମୟରେ ବାଣ ଅନିୟନ୍ତ୍ରିତ ଭାବେ ଏଣେତେଣେ ଫୁଟିଥିଲା, ଏଥିରୁ କିଛି ଷ୍ଟାଡିୟମରେ ବସିଥିବା ଦର୍ଶକଙ୍କ ଆଡ଼କୁ ଯାଇ ଫୁଟିବାକୁ ଲାଗିଲା। ଏପରି ପରିସ୍ଥିତିରେ ସେଠାରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ସୌଭାଗ୍ୟବଶତଃ, ଏହି ଦୁର୍ଘଟଣାରେ କୌଣସି ଜୀବନହାନି ହୋଇନାହିଁ, ଯଦିଓ ଏହି ଦୁର୍ଘଟଣାରେ ଦୁଇଜଣ ଦର୍ଶକ ଗୁରୁତର ଭାବରେ ପୋଡ଼ିଯାଇଛନ୍ତି, ତଥାପି ତାଙ୍କୁ ତୁରନ୍ତ ମେଡିକାଲକୁ ନିଆଯାଇ, ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ଅରିକୋଡ ପୋଲିସ କହିଛି ଯେ, 'ମଲ୍ଲପୁରମ ଜିଲ୍ଲାର ଅରିକୋଡ ଅଞ୍ଚଳର ଏକ ଷ୍ଟାଡିୟମରେ 'ସେଭେନ୍ସ' ଫୁଟବଲ୍ ଟୁର୍ନାମେଣ୍ଟର ଏକ ମ୍ୟାଚ୍ ସମୟରେ ବାଣ ଫୁଟିବା ଯୋଗୁଁ ୫୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି।' ଆହତମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ଲୋକଙ୍କର ବିଶେଷ କ୍ଷୟକ୍ଷତି ହୋଇନାହିଁ। ମ୍ୟାଚ୍ ପୂର୍ବରୁ ବାଣଫୁଟା କାର୍ଯ୍ୟକ୍ରମ ବେଳେ ଏହି ଦୁର୍ଘଟଣା ଘଟିଥିଲା। ପାଖରେ ବସିଥିବା ଦର୍ଶକଙ୍କ ଭିତରୁ ବାଣର ପ୍ରଭାବ ପଡ଼ିବା ଫଳରେ କିଛି ଲୋକ ପ୍ରଭାବିତ ହୋଇଥିଲେ। ଆୟୋଜକମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୨୮୮ (ବିସ୍ଫୋରକ ପଦାର୍ଥ ସମ୍ପର୍କରେ ଅବହେଳା) ଏବଂ ୧୨୫ (ଖ) (ଅନ୍ୟଙ୍କ ଜୀବନ କିମ୍ବା ବ୍ୟକ୍ତିଗତ ସୁରକ୍ଷାକୁ ବିପଦରେ ପକାଇବା) ଅନୁଯାୟୀ ମାମଲା ରୁଜୁ କରାଯାଇଛି।

ସୂଚନାଥାଉକି, ଆରିକୋଡର ଥେରାଟାମ୍ମଲରେ ସେଭେନ୍ସ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଥିଲା। ସେଥିପାଇଁ ବ୍ୟାପକ କାର୍ଯ୍ୟକ୍ରମ ମଧ୍ୟରେ ବାଣ ପ୍ରଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଫାଇନାଲ ମ୍ୟାଚ୍ 'ୟୁନାଇଟେଡ୍ ଏଫସି ନେଲିକୁଥ୍' ଏବଂ 'କେଏମଜି ମାଭୁର୍' ମଧ୍ୟରେ ଖେଳାଯିବାର ଥିଲା। ଏହି ଘଟଣାର ଅନେକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଏଗୁଡ଼ିକ ସୋସିଆଲ ମିଡିଆରେ ବହୁତ ସେୟାର ହେଉଛି।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର